# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

## କିଏ ଘୋଡ଼ାରେ ବସିବେ...

## 'ଭଲ ମାଣିଆ' ବନାମ 'ଭଲ ମଣିଷ'

## ନବୀନ ରାତି ଅନିଦ୍ରା...

## ବେଗୁନିଆରେ ଯତୀନ-ଅପରାଜିତା ଲଢ଼େଇ

## ରାଜ୍ୟସଭା ନିର୍ବାଚନ ଅଙ୍କ

## ଜନ ମିରନ୍ ମୁଣ୍ଡା କିଏ ?

ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-10 26 JANUARY-01 FEBRUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୦ ୨୬ ଜାନୁଆରୀ-୧ ଫେବୃଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ‘ଭଲ ମାଣିଆ’ ବନାମ ‘ଭଲ ମଣିଷ’

‘ଆମେ ଚଳାଉଚୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ’, ପିଲାଦିନେ ଆମେ ସମସ୍ତେ ଏକଥା ବହିରେ ପଢ଼ିଛେ। ମଞ୍ଚ ଉପରେ ନେତାଏ ବି ଏମିତି କହୁଥିବାର ଆମ କାନରେ ପଡ଼ିଛି । ଦେଶ ସ୍ୱାଧୀନ ହେଲା, ସମ୍ବିଧାନରେ ନାଗରିକଙ୍କୁ ଅଧିକାର ଦିଆଗଲା, ତାହାକୁ ଲକ୍ଷ୍ୟ କରି ହିଁ ଏମିତି କୁହାଯାଇଛି। ହେଲେ ସତରେ ଭାବିଲେ ଆମେ କ’ଣ ଆମ ଦେଶ ରୂପକ ନାଆର ପ୍ରକୃତ ନାଉରୀ ?

ଅନେକ ଯୁକ୍ତି ବାଢ଼ିପାରନ୍ତି ନାଗରିକମାନେ ଭୋଟ୍ ଦିଅନ୍ତି, ସେଇ ଭୋଟ୍‌ରେ ନେତା ନିର୍ବାଚିତ ହୁଅନ୍ତି । ତେଣୁ ନାଗରିକ ହାତରେ ହିଁ ନେତାର ଭାଗ୍ୟ। ଆଜିକାଲିର ନିର୍ବାଚନ ପ୍ରକ୍ରିୟା ସହ ଆମେ ସବୁ ଊଣା ଅଧିକେ ପରିଚିତ। ଲୋକେ ଭୋଟ୍ ନେତା ଦେଖି ନୁହେଁ, ଚିହ୍ନ ଆଉ ଟଙ୍କା ଦେଖି ଦେଉଛନ୍ତି। ଏହାକୁ ଦେଖି ସମାଲୋଚକମାନେ କୁହନ୍ତି ଲୋକେ ଭଲ ନୁହଁ, ବିକ୍ରି ହୋଇଯାଉଛନ୍ତି। ଏମିତି ଏକ ପ୍ରଶ୍ନର ଉତ୍ତରରେ ଏକ ଜାତୀୟସ୍ତରର ଚ୍ୟାନେଲରେ ଭଲ କଥାଟିଏ କହିଛନ୍ତି ଖାନ୍ ସାର। ଯାହାର ସାରମର୍ମ ହେଉଛି, ଅତି ଗରିବଟେ ପାଁଶହ ନେଇ ଭୋଟ୍ ଦେଉଛି। ଲକ୍ଷେ ଦେଲେ ଶିକ୍ଷିତ ଆଉ ଏପିଏଲ ଲୋକଟେ ବି ବିକ୍ରି ହେବ। ଅତଏବ କାହା ପାଇଁ ପାଁଶହ ଅଧିକ ତ, କାହା ପାଇଁ ଲକ୍ଷେ। ସତେଯେମିତି ବିକ୍ରି ହେବା ଏକ ସହଜାତ ପ୍ରବୃତ୍ତି ପାଲଟିଯାଇଛି। ଆମ ସରକାର ଆଉ ପ୍ରମୁଖ ଦଳଗୁଡ଼ିକ ସାଧାରଣ ଜନତାଙ୍କୁ ଆତ୍ମନିର୍ଭର ହେବା ପାଇଁ ଯେତିକି ଉତ୍ସାହିତ କରୁନାହାନ୍ତି, ତାହାଠୁ ଅଧିକ ମାଗଣା ଖିଆ କରିଦେଉଛନ୍ତି । ମାଗଣା ଯୋଜନାର ସୁଅ ଛୁଟାଇ ଦେଇ ଜନତା ଜନାର୍ଦ୍ଦନର ମସିହା ହେବାକୁ ନେତାଏ ଉଦ୍ୟମ ଜାରି ରଖିଛନ୍ତି। ଆଜିକାଲି ନିର୍ବାଚନ ଆଉ ଭୋଟ୍‌ମାନେ ମଦ, ମାଉସ ଓ ଟଙ୍କା। ଯିଏ ଯେତେ ଓଭର ଡୋଜ୍ ଦେଉଛି ତା’ପାଇଁ ଭୋଟ୍ ସେତିକି ଓଭର ଫ୍ଲୋ ହେଉଛି। ଯେଉଁଥିପାଇଁ ନେତା ହେବା ପାଇଁ ‘ଭଲ ମଣିଷ’ଟେ ମାପଦଣ୍ଡ ନହୋଇ ‘ଭଲ ମାଣିଆ’ ହିଁ ମାପଦଣ୍ଡ ହେଉଛି।

ଖାଲି ଭୋଟ୍ କଥା ନୁହେଁ ଆଞ୍ଚା ଗଣତନ୍ତ୍ରର ଚାରୋଟି ଯାକ ସ୍ତମ୍ଭ ବି ସେଇ ଢାଞ୍ଚାରେ ଚାଲିଛି ବୋଲି ସାଧାରଣ ଲୋକଙ୍କ ମନରେ ଧାରଣା। ଟଙ୍କା ଦେଲେ ଫାଇଲ୍ ରକେଟ୍ ବେଗରେ ଯାଏ, ଟଙ୍କା ନଦେଲେ ଫାଇଲରେ ସେମିତି ବହଳେ ଆସ୍ତରଣର ଧୂଳି ଜମେ। ତା’ ହୋଇନଥିଲେ ଆଇଏଏସ, ଓଏଏସ, ବଡ଼, ମଝିଆଁ ଆଉ ଛୋଟ ଅଫିସର, ଇଞ୍ଜିନିୟର, ଡାକ୍ତର, ପୁଲିସ୍ ସବୁ ଭିଜିଲାନ୍ସ ହାତରେ ଧରାହୁଅନ୍ତେ ନାହିଁ । ଅବଶ୍ୟ ଧରାପଡୁଥିବା ଏ ଚୋର ଖଣ୍ଟଙ୍କ ସଂଖ୍ୟା ବାସ୍ତବରେ ୧% । ବାକି ୯୯% ଖାଉଥିଲେବି ଧରା ନପଡ଼ିବା ଯାଏଁ ସତୀ ଦେଖାଇହୁଅନ୍ତି । କୋର୍ଟ କଚେରୀ କଥା ତ ଆମେ ଜାଣୁଛେ । ସେ ବିଷୟରେ ବେଶୀ କହିଲେ ଆମ ନାଁରେ ମାମଲାଟେ ବି ଖୁନ୍ଦିଦେବେ। ଆଉ ରହିଲା ଚତୁର୍ଥ ସ୍ତମ୍ଭ କଥା। ଯାଙ୍କୁ ସମ୍ବିଧାନରେ ମାନ୍ୟତା ମିଳିନି, କେବଳ ଏ ତୁଣ୍ଡରୁ ସେତୁଣ୍ଡ ହୋଇ ମିଡ଼ିଆବାଲାଏ ଚତୁର୍ଥ ସ୍ତମ୍ଭ ବୋଲାଇ ହେଉଛନ୍ତି। ଆଜିକାଲି ଯଦି ପଚାରାଯାଏ, ସବୁଠି ବେଶୀ କିଏ ବିକ୍ରି ହେଉଛି, ଫଟ୍ କିନା ଲୋକେ କହୁଛନ୍ତି ମିଡ଼ିଆ। ବଡ଼ ମିଡ଼ିଆ କୋଟିଏରେ ଆଉ ଛୋଟ ମିଡ଼ିଆ ଲକ୍ଷେ କି କେଇ ହଜାରରେ ବିକ୍ରି ହେଉଛି। ଗାଏମୋଟ୍ କହିଲେ ‘ଭଲ ମାଣିଆ’ର କୋଳାହଳ ଭିତରେ ‘ଭଲ ମଣିଷ’ ହଜି ଯାଉଛନ୍ତି। ଯେପର୍ଯ୍ୟନ୍ତ ଆମେ ଭଲ ମଣିଷ ବଦଳରେ ଭଲ ମାଣିଆକୁ ଭଲ ପାଉଥିବା ସେ ପର୍ଯ୍ୟନ୍ତ ନା ଦେଶ ବିକଶିତ ହେବ ନା ରାଜ୍ୟ ସମୃଦ୍ଧ ହେବ। ଅବଶ୍ୟ ବିକାଶ ଓ ସମୃଦ୍ଧ ପରିସଂଖ୍ୟାନର କାଗଜ ଭିତରେ ହିଁ ସୀମିତ ରହିଯିବ ।

# ଜାନୁଆରୀ ୨୬ରେ ସାଧାରଣତନ୍ତ୍ର ଦିବସ କାହିଁକି?

ଇଂଲଣ୍ଡର ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ଭାରତକୁ ସ୍ୱାଧୀନତା ଦେବାକୁ ଚାହୁଁନଥିଲେ। କିନ୍ତୁ ବ୍ରିଟେନର ତତ୍କାଳୀନ ବିରୋଧୀ ଦଳ ନେତା କ୍ଲେମେଂଟ୍ ଅଟ୍‌ଲୀ ଭାରତକୁ ସ୍ୱାଧୀନତା ମିଳିବା ଉଚିତ ବୋଲି ମତ ଦେଉଥିଲେ। ଏହା ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର କଥା । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡର ଅନେକ କ୍ଷୟକ୍ଷତି ପରେ ପରେ ୧୯୪୫ରେ ଲେବର ଦଳ ନେତା କ୍ଲେମେଂଟ୍ ଅଟ୍‌ଲୀ ପ୍ରତିଶ୍ରୁତି ଦେଇଥିଲେଯେ, ତାଙ୍କ ସରକାର ଆସିଲେ ଭାରତକୁ ସ୍ୱାଧୀନ କରିଦେବେ। ୧୯୪୫ ବିଶ୍ୱ ଯୁଦ୍ଧ ପରେ ଅଟଲୀ ହେଲେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ। ସେ ନିଜର ପ୍ରତିଶ୍ରୁତି ଅନୁସାରେ ୧୯୪୬ ମାର୍ଚ୍ଚ ମାସରେ ସେ ନିଜର ତିନି ଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଭାରତ ପଠାଇଲେ। ୧୯୪୬ରେ ଏକ ସମ୍ବିଧାନ ସଭା ଗଠନ କରାଗଲା ଏବଂ ସମ୍ବିଧାନ ତିଆରି ହେବା ପର୍ଯ୍ୟନ୍ତ ଏକ ଅନ୍ତରୀଣ ସରକାର କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ୧୯୪୯ ନଭେମ୍ବର ୨୬ରେ ଆମ ସମ୍ବିଧାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ତେବେ ଏହାର ଅନେକ ବର୍ଷ ପୂର୍ବରୁ ୧୯୩୦ ଜାନୁଆରୀ ୨୬ ତାରିଖକୁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଦିବସ ଭାବରେ ପାଳନ କରାଯାଉଥିଲା । ତେବେ ୧୯୪୭ ଅଗଷ୍ଟ ୧୫ରେ ଆମ ଦେଶ ସ୍ୱାଧୀନ ହେବାରୁ ଅଗଷ୍ଟ ୧୫ ହେଲା ସ୍ୱାଧୀନତା ଦିବସ । ପୂର୍ବରୁ ଜାନୁଆରୀ ୨୬ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଉଥିବାରୁ ଏହାର ଐତିହାସିକ ପ୍ରଭାବ ଓ ସ୍ମୃତିକୁ ଜୀବିତ ରଖିବା ପାଇଁ ୧୯୫୦ ଜାନୁଆରୀ ୨୬ରେ ଭାରତର ସାଧାରଣତନ୍ତ୍ର ଦିବସ ପାଳନ କରାଗଲା।

ବି.ଦ୍ର: ‘ଗର୍ବିତ ଓଡ଼ିଆ’ ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।



## ବାବା ଅବ୍‌ଜର୍ଭାନନ୍ଦ

ଟିଭିରେ ବାହାରି ମ୍ୟାଡାମ ପରିଡ଼ା
ବାଣ୍ଟନ୍ତି ସୁଭଦ୍ରା ଜ୍ଞାନ,
ତାଙ୍କ କଥା ଶୁଣି ଘରଣୀ ଆମର
ଦେଖନ୍ତି କେତେ ସପନ ।

ମୋବାଇଲ ଖାଲି ଚେକିଂ କରନ୍ତି
ଦିନରାତି ଘନ ଘନ,
ମାନ୍ୟବର ଯେବେ କହିଦେଲେ ଟଙ୍କା
ଆସିଯିବ ଠନ ଠନ ।



କୋଟିପତି ଦିଦି ହେବା ପାଇଁ ସିଏ
ବଳାଇଛନ୍ତି ଯେ ମନ,
ଛେଳି କିଣିବେ ନା କୁକୁଡ଼ା କିଣିବେ
ଭାବନ୍ତି ବସି ଏ ସନ ।

ମୁଁ ବି ଭାବୁଛି ଖୋଲିଦେବି ବୋଲି
ଗୋଟିଏ ଛୋଟ ଦୋକାନ,
ବ୍ଲାକରେ ବିକିବି ସିଗାରେଟ ଆଉ
ଗୁଟଖା ସାଙ୍ଗକୁ ପାନ ।

ଚାଷ କରି ସିନା ମଣ୍ଡିରେ ବିକିରୀ
କରିପାରୁନାହିଁ ଧାନ,
ସ୍ୱାମୀ ସ୍ତ୍ରୀ ମିଶି କମେଇବୁ ଆମେ
ପ୍ରବଳ ମାତ୍ରାରେ ଧନ ।

## ରାଜ୍ୟସଭା ରେସ୍

# କିଏ ଘୋଡ଼ାରେ ବସିବେ କିଏ ଘୋଡ଼ା କିଣିବେ ?

**ଆରମ୍ଭ ହୋଇଯିବ ରାଜ୍ୟସଭା ରେସ୍ । ରେସ୍‌ରେ ଭାଗ ନେବା ପାଇଁ କିଏ ଘୋଡ଼ାରେ ବସିବେ ତ ଆଉ କିଏ ନିର୍ବାଚନ ଜିତିବା ପାଇଁ ଘୋଡ଼ା ବି କିଣିବେ । ଚଳିତ ରାଜ୍ୟସଭା ନିର୍ବାଚନ ପାଇଁ ଅନେକ ହେଭିୱେଟ୍ ଦୌଡ଼ରେ ଅଛନ୍ତି । ପାର୍ଟି ସୁପ୍ରିମୋ ଯାହାଙ୍କୁ ଟିକେଟ ଦେବେ ସେ ହିଁ ପାୱାରଫୁଲ୍ ବୋଲି ବିବେଚିତ ହେବେ । କେଉଁ କୋଟରୀର ଦବଦବା ଆଗକୁ ବଢ଼ିବ ତାହା ବି ରାଜ୍ୟସଭା ନିର୍ବାଚନ ସଂକେତ ଦେବ । ଯାହାକୁ ନେଇ ଉଭୟ ବିଜେଡ଼ି-ବିଜେପି ଅଳିନ୍ଦରେ ନେତା ଓ କୋଟରୀ ତକାତକି ଅବସ୍ଥାରେ ଅଛନ୍ତି । ରାଜ୍ୟସଭା ନିର୍ବାଚନକୁ ନେଇ ସମ୍ଭାବ୍ୟ ସଂଖ୍ୟା ଅଙ୍କ ଓ କୋଟରୀ ଖେଳକୁ ନେଇ 'ଅଖଛିଣ୍ଡା'ଙ୍କ ଉପସ୍ଥାପନା ।**

## ଖାଲିହେବ ୪ ୩ ସ୍ପଷ୍ଟ, ୧ ଅସ୍ପଷ୍ଟ

ମାର୍ଚ୍ଚରେ ରାଜ୍ୟ ରାଜନୀତିରେ ଅନେକ ଓଲମବିଲମ ଦେଖିବାକୁ ମିଳିବ। ରାଜ୍ୟସଭା ନିର୍ବାଚନ ପାଇଁ ମାହୋଲ ଜମି ଆସୁଥିବାରୁ କିଏ ରାଜ୍ୟସଭାକୁ ଯିବେ ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଏଥର ରାଜ୍ୟସଭା ନିର୍ବାଚନ ନିଆରା ହେବା ପଛରେ ଅନେକଗୁଡ଼ିଏ କାରଣ ରହିଛି। ନୂଆ ସରକାର ଆସିବା ପରେ ଏହା ପ୍ରଥମ ରାଜ୍ୟସଭା ନିର୍ବାଚନ। ପୂର୍ବରୁ ସୁଜିତ କୁମାର ଓ ମମତା ମହନ୍ତ ରାଜ୍ୟସଭା ଉପନିର୍ବାଚନରେ ନିର୍ବାଚିତ ହୋଇଥିଲେ । ଯେହେତୁ ଉଭୟ ବିଜେଡ଼ି ଛାଡ଼ି ବିଜେପିକୁ ଆସିଥିଲେ, ସେଥିପାଇଁ ଦଳ ସେମାନଙ୍କୁ ଟିକେଟ୍ ଦେଇଥିଲା । ତେଣୁ କାହାକୁ ଟିକେଟ୍ ମିଳିବ, ସେନେଇ ବେଶୀ ଚର୍ଚ୍ଚା ପର୍ଯ୍ୟାଲୋଚନା ହୋଇନଥିଲା। ସଂଖ୍ୟା ଗଣିତ ଅନୁଯାୟୀ, ବିଜେପି ଦୁଇ ଆସନ ଓ ବିଜେଡ଼ି ଗୋଟିଏ ଆସନରେ ଆରାମରେ ଜିତିପାରିବ। ଯେତେବେଳେକି ଚତୁର୍ଥ ଆସନ ପାଇଁ କେଉଁ ଦଳ ହାତରେ ବି ଆବଶ୍ୟକୀୟ ସଂଖ୍ୟା ନାହିଁ। ଏହି ଚତୁର୍ଥ ଆସନ ପାଇଁ ହିଁ ଅସଲ ଖେଳ ହେବ। ସୂଚନାଯୋଗ୍ୟଯେ, ଆସନ୍ତା ଅପ୍ରେଲ ୨ରେ ନିରଞ୍ଜନ ବିଶି, ମୁନା ଖାନ୍, ସୁଜିତ କୁମାର ଓ ମମତା ମହନ୍ତଙ୍କ କାର୍ଯ୍ୟକାଳ ଶେଷ ହେବ।


ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

ଗର୍ବିତ ଓଡ଼ିଆ

# ୧୮ ବର୍ଷ ପରେ ନିଜ ସଂଖ୍ୟାରେ ପ୍ରାର୍ଥୀ ଦେବ ବିଜେପି

୧୮ ବର୍ଷ ପରେ ନିଜ ସଂଖ୍ୟା ବଳରେ ବିଜେପି ପ୍ରାର୍ଥୀ ଦେବ। ୨୦୦୮ରେ ଶେଷଥର ପାଇଁ ବିଜେପି ନିଜ ସଂଖ୍ୟା ଆଧାରରେ ପ୍ରାର୍ଥୀ ଦେଇଥିଲା। ଜାତୀୟ ଦଳ ହୋଇଥିବାରୁ ବିଜେପି ପ୍ରାର୍ଥୀ ହୋଇଥିଲେ ବିଶିଷ୍ଟ ସାମ୍ବାଦିକ ବଳବୀର ପୁଞ୍ଜ। ଯାହାକୁ ନେଇ ରାଜ୍ୟ ରାଜନୀତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହେଲେ ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ବିଜେପି ଏହାକୁ ମାନିବାକୁ ବାଧ ହୋଇଥିଲା। ଏହାପରେ ନିଜ ସଂଖ୍ୟାରେ ପ୍ରାର୍ଥୀ ଦେବାପାଇଁ ବିଜେପି ବଳ ଜୁଟାଇ ପାରୁନଥିଲା। କାହିଁକିନା ୨୦୦୯ରେ ୬, ୨୦୧୪ରେ ୧୦ ଓ ୨୦୧୯ରେ ୨୩ ଆସନରେ ଦଳ ସନ୍ତୁଷ୍ଟ ରହିଥିଲା। ରାଜ୍ୟସଭା ନିର୍ବାଚନ ଜିଣିବା ପାଇଁ ଏହି ସଂଖ୍ୟା ଯଥେଷ୍ଟ ନଥିଲା। ତେବେ ୨୦୧୯ ଓ ୨୦୨୪ରେ ବିଜେପିର ସଂଖ୍ୟା ନଥିଲେ ବି ଅଶ୍ୱିନୀ ବୈଷ୍ଣବ ନିଜର ବ୍ୟକ୍ତିଗତ ଗୋଟିଚାଳନାରେ ବାଜିମାତ୍ କରିଥିଲେ। ଅଶ୍ୱିନୀଙ୍କ ପରେ ମମତା ଓ ସୁଜିତ୍ ସାଂସଦ ହୋଇଥିଲେବି ଏଥିରେ ରାଜ୍ୟ ବିଜେପିର କୌଣସି ଭୂମିକା ନଥିଲା। ୨୦୨୪ରେ କିନ୍ତୁ ବିଜେପିର ସଂଖ୍ୟା ୭୯ ଛୁଇଁଥିବାବେଳେ ୩ ସ୍ୱାଧୀନ ବିଧାୟକ ବି ସମର୍ଥନ କରୁଛନ୍ତି । ତେଣୁ ଦଳ ନିଜ ଦମ୍‌ରେ ଦୁଇଟି ଓ ସମୀକରଣ ଆଧାରରେ ଆଉ ଗୋଟିଏ ଆସନ ହାତେଇବାକୁ ଯୋଜନା କରୁଛି । ଗାଏମୋଟ୍ କହିଲେ ନିଜ ଦମ୍‌ରେ ହିଁ ଏଥର ବିଜେପି ରାଜ୍ୟସଭା ନିର୍ବାଚନ ଲଢ଼ିବ।

## ଚତୁର୍ଥ ଆସନ କାହାର ?

ଚତୁର୍ଥ ଆସନ ଜିତିବା ପାଇଁ କାହାର ସଂଖ୍ୟା ନାହିଁ । କିନ୍ତୁ ଶାସକ ବିଜେପି ପାଖରେ, ବିଜେଡ଼ି କିମ୍ବା କଂଗ୍ରେସ ଅପେକ୍ଷା ଅଧିକ ବଳକା ଭୋଟ୍ ରହିଛି । ଯାହାକୁ ଆଖି ଆଗରେ ରଖି ବିଜେପି ଚତୁର୍ଥ ଆସନ ହାତେଇବାକୁ ଯୋଜନା କରୁଛି। ଏଭଳି ସ୍ଥିତରେ ବିଜେଡିର ଆଭିମୁଖ୍ୟ ଉପରେ ସମସ୍ତଙ୍କର ନଜର ରହିଛି । ବିଜେପିକୁ ଚକମା ଦେବା ପାଇଁ ନବୀନ ଗୋଟି ଚଳାଇବେ ନା ମୋଦିଙ୍କ ଡରରେ ନୀରବ ରହିବେ ତାହାକୁ ନେଇ ବି ରାଜ୍ୟ ରାଜନୀତିରେ ଆଲୋଚନା ଚାଲିଛି ।

### ଯଦି କଂଗ୍ରେସ ପ୍ରାର୍ଥୀ ଦିଏ, ବିଜେପି ହାତେଇବ ଚତୁର୍ଥ ଆସନ

ରାଜ୍ୟସଭାରେ ଜିତିବା ପାଇଁ କଂଗ୍ରେସ ପାଖରେ ଆବଶ୍ୟକୀୟ ସଂଖ୍ୟାର ଅଧା ବି ନାହିଁ । ତଥାପିବି କଂଗ୍ରେସ ପ୍ରାର୍ଥୀ ଦେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି । ଯଦି କଂଗ୍ରେସ ପ୍ରାର୍ଥୀ ଦିଏ, ତେବେ ବିଜେଡ଼ି ତାଙ୍କୁ ସମର୍ଥନ କରିବାର ଚାନ୍ସ ହିଁ ନାହିଁ । ତେଣୁ ପ୍ରଥମ ପସନ୍ଦ ନହେଲେବି ଦ୍ୱିତୀୟ ପସନ୍ଦ ଭୋଟ୍‌ରେ ବିଜେପି ଆଉ ଏକ ରାଜ୍ୟସଭା ଆସନ ହାତେଇପାରିବ। ଏଭଳି କ୍ଷେତ୍ରରେ ବିଜେଡ଼ି ଯଦି ଅନୁପସ୍ଥିତ ରହେ ତେବେ ଗଣିତ ବି ଅଲଗା ପ୍ରକାର ହେବ ।

### ସ୍ୱାଧୀନ ପ୍ରାର୍ଥୀଙ୍କୁ ଯଦି ବିଜେଡ଼ି ଓ କଂଗ୍ରେସ ସମର୍ଥନ ଦିଅନ୍ତି

ବିଜେଡ଼ି ଓ କଂଗ୍ରେସର ଚତୁର୍ଥ ପ୍ରାର୍ଥୀ ପାଇଁ ଏକାକୀ ଶକ୍ତି ନାହିଁ । ଯଦି ଜଣେ ସ୍ୱାଧୀନ ପ୍ରାର୍ଥୀ ଉଭୟ ଦଳର ସମର୍ଥନରେ ପ୍ରାର୍ଥୀ ହୁଅନ୍ତି ତେବେ ସ୍ୱାଧୀନ ପ୍ରାର୍ଥୀ ବି ନିର୍ବାଚନରେ ଜିତିପାରିବେ। ଉଦାହରଣ ଭାବେ ଦିଲ୍ଲୀପ ରାୟ ଓ ତାରା ପଟ୍ଟନାୟକଙ୍କୁ ନିଆଯାଇପାରେ। ଅତୀତରେ ଉଭୟ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ଦିଲ୍ଲୀପ ବାଜିମାତ୍ କରିଥିଲେବି ତାରା ହାରି ଯାଇଥିଲେ। ଦିଲ୍ଲୀପଙ୍କର ନବୀନଙ୍କ ସହ ଭଲ ସମ୍ପର୍କ ରହିଛି । ସେପଟେ ତାରାଙ୍କୁ ପୂର୍ବରୁ କଂଗ୍ରେସ ସମର୍ଥନ କରିଥିବାବେଳେ ଗତ ପାଞ୍ଚ ସାତ ବର୍ଷ ଧରି ନବୀନ ବାବୁଙ୍କ ସହ ବି ତାରାଙ୍କର ସମ୍ପର୍କ ବଢ଼ିଯାଇଛି । ଅବଶ୍ୟ ଦିଲ୍ଲୀପଙ୍କୁ ନେଇ ଏବେ ଚର୍ଚ୍ଚା ହେଉଥିବାବେଳେ ତାରାଙ୍କୁ ନେଇ ସେଭଳି ଚର୍ଚ୍ଚା ହେଉନାହିଁ। ଭକ୍ତ ଦାସଙ୍କର ପଟ୍ଟନାୟକ ପରିବାର ସହ ବି ଭଲ ସମ୍ପର୍କ ନାହିଁ। ଦୁହେଁ ବିତ୍ତଶାଳୀ ହୋଇଥିବାରୁ ବିଧାୟକମାନଙ୍କୁ ଆବଶ୍ୟକୀୟ ଧନ ଦେବାର ସାମର୍ଥ୍ୟ ରଖିଛନ୍ତି।

### ଯଦି ବିଜେଡ଼ିର ୧୮ ବିଧାୟକ ଅନୁପସ୍ଥିତ ରହନ୍ତି, ବିଜେପି ଆରାମରେ ଜିତିବ


ରାଜ୍ୟସଭା ନିର୍ବାଚନରେ ଜିତିବା ପାଇଁ ( ୨୯୪୧) ବା ୩୦ ବିଧାୟକଙ୍କ ଭୋଟ୍ ଆବଶ୍ୟକ । ଯଦି ୧୪୭ ବିଧାୟକ ଭୋଟ୍ ଦିଅନ୍ତି ତେବେ ଏତେ ସଂଖ୍ୟକ ଭୋଟ୍ ଦରକାର। କିନ୍ତୁ ବିଧାୟକମାନେ ଯଦି ଅନୁପସ୍ଥିତ ରହିବେ ତେବେ ବିଜୟ ପାଇଁ ଆବଶ୍ୟକୀୟ କୋଟା ସ୍ୱାଭାବିକ ଭାବେ କମିଯିବ। ଏମିତି ବି ହୋଇପାରେ; ବିଜୁ ଜନତା ଦଳ ଆଜିକାଲି ତ ସାଇଲେଣ୍ଟ ମୋଡ଼ରେ ରହିବାକୁ ପସନ୍ଦ କରୁଛି। ଅର୍ଥାତ୍ ଦଳ ଅନୁପସ୍ଥିତ ବା ଆବସେଣ୍ଟ କୌଶଳ ଆପଣାଇଛି । ପ୍ରଥମ ପ୍ରାର୍ଥୀ ପାଇଁ ଆବଶ୍ୟକୀୟ ୩୦ ବିଧାୟକ ଭୋଟ୍ ଦେବା ପରେ ଦଳ ବାକି ବିଧାୟକଙ୍କୁ ଅନୁପସ୍ଥିତ ରହିବାକୁ କହିପାରେ । ଯଦି ବିଧାୟକମାନେ ମତଦାନରେ ଭାଗ ନନିଅନ୍ତି, ବିଜେଡ଼ିର ୧୮ ବିଧାୟକ ଅନୁପସ୍ଥିତ ରହନ୍ତି (ବିଜେଡ଼ିର ୫୦ ବିଧାୟକ ଥିଲେବି ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳ ନିଲମ୍ବନ କରିଛି ) ତେବେ ବିଜୟ ପାଇଁ କୋଟା କମିଯିବ। ଉଦାହରଣ ସ୍ୱରୂପ; ବିଜେଡ଼ିର ୧୮ ବିଧାୟକ ଭୋଟ୍ ନଦେଲେ ମୋଟ୍ ଭୋଟରଙ୍କ ସଂଖ୍ୟା ୧୨୯ ହୋଇଯିବ । ଏଭଳି କ୍ଷେତ୍ରରେ ଜିତିବା ପାଇଁ ୨୫୮୧ ବା ୨୬ ବିଧାୟକଙ୍କ ସମର୍ଥନ ଦରକାର। ଯାହାଫଳରେ ବିଜେପିର ଆଉ ଏକ ପ୍ରାର୍ଥୀ ବି ଜିତି ଯାଇପାରିବେ ।

### ମୋଦି ବି ଖେଳିପାରନ୍ତି ଚାଲ୍



ରାଜ୍ୟରେ ବିଜେଡ଼ି-ବିଜେପି ମୁହାଁମୁହିଁ ହେଉଥିବାବେଳେ ଦିଲ୍ଲୀରେ କିନ୍ତୁ କୋଳାକୋଳି ହେଉଛନ୍ତି। ଏକଥା ସାରା ରାଜ୍ୟ ଜାଣିଛି। ଅତୀତରେ ବିଜେପିର ଶକ୍ତି ନଥିଲେବି ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡ଼ି ଦୁଇ ଦୁଇ ଥର ରାଜ୍ୟସଭା ପଠାଇଛି। ଏମିତିକି ନିଜର ଜିତିବା ଶକ୍ତି ଥାଇବି ଦଳ ବିଜେପିକୁ ଦାନ କରିଛି। ଏଥର ବି ମୋଦି ସେମିତି ଚାଲ୍ ଖେଳିପାରନ୍ତି। ଦିଲ୍ଲୀରୁ କୌଣସି ରାଜନେତା ବା ଶିଳ୍ପପତିଙ୍କୁ ବିଜେପି ପ୍ରାର୍ଥୀ କଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଉଭୟ ବିଜେଡ଼ି-ବିଜେପି ମିଳିତ ଭାବେ ଆରାମସେ ଚତୁର୍ଥ ପ୍ରାର୍ଥୀଙ୍କୁ ଜିତାଇପାରିବେ।

# ରାଜ୍ୟସଭାକୁ ଯାଇଥିଲେ ବାହାର ରାଜ୍ୟର ନେତା




## ସୋମାପ୍ପା ରାୟପ୍ପା ବୋମାଇ

କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବୋମାଇ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୨ରୁ ୧୯୯୮ ପର୍ଯ୍ୟନ୍ତ ସେ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଥିଲେ । ଜନତା ଦଳ ଟିକେଟରେ ସେ ବିଜୟ ହାସଲ କରିଥିଲେ ।


## ଛତ୍ରପାଲ ସିଂ ଲୋଧା

ଉତ୍ତରପ୍ରଦେଶର ଆଗଧାଡ଼ିର ନେତା ହେଉଛନ୍ତି ଛତ୍ରପାଲ ସିଂ ଲୋଧା । ଟଙ୍କା ପାଇଁ ପ୍ରଶ୍ନ ସ୍କାଣ୍ଡାଲରେ ସେ ଫସି ଯାଇଥିଲେ । ତାଙ୍କର ସଦସ୍ୟ ପଦ ମଧ୍ୟ ରଦ୍ଦ କରାଯାଇଥିଲା । ୨୦୦୪ ଜୁଲାଇରୁ ୨୦୦୫ ଡିସେମ୍ବର ପର୍ଯ୍ୟନ୍ତ ସେ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଥିଲେ। ବିଜେପି ଟିକେଟରେ ସେ ରାଜ୍ୟସଭାକୁ ଯାଇଥିଲେ ।




## ବଲବୀର ପୁଞ୍ଜ

ପଞ୍ଜାବରେ ହେଉଛି ତାଙ୍କ ଘର । ତେବେ ଜାତୀୟସ୍ତରରେ ସେ ଜଣେ ଖ୍ୟାତନାମା ସାମ୍ବାଦିକ ଥିଲେ । ୨୦୦୮ ରେ ସେ ବିଜେପି ଟିକେଟରେ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ।



## କେ ବାସୁଦେବ ପାନିକର

୧୯୮୪ ଅପ୍ରେଲରୁ ୧୯୮୮ ମେ’ ପର୍ଯ୍ୟନ୍ତ ସେ ଓଡ଼ିଶାରୁ ରାଜ୍ୟସଭା ସାଂସଦ ଥିଲେ। ସେତେବେଳେ କଂଗ୍ରେସ ସରକାରରେ ଥିବାବେଳେ ସେ ଥିଲେ ମହାସଚିବ। ତେବେ ପାନିକରଙ୍କର ଦିଲ୍ଲୀରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିଲା ।



## ଅଶ୍ୱିନୀ ବୈଷ୍ଣବ

ଓଡ଼ିଶା କ୍ୟାଡ଼ରର ଆଇଏଏସ ଅଫିସର ଥିଲେ ଅଶ୍ୱିନୀ ବୈଷ୍ଣବ । ହେଲେ ତାଙ୍କ ଘର ରାଜସ୍ଥାନରେ। ବିଜେପି ଟିକେଟରେ ସେ ଦୁଇ ଦୁଇ ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ।

# ରାଜ୍ୟସଭା ଆଶାରେ ହେଭିୱେଟ୍

ବିଜେଡ଼ି ହେଉକି ବିଜେପି, ଏଥର ରାଜ୍ୟସଭା ରେସ୍‌ରେ ଅନେକ ଟାଣୁଆ ନେତା ରହିଛନ୍ତି । ବିଶେଷକରି ବିଜେଡ଼ିରେ ମାଳମାଳ ନେତା ରାଜ୍ୟସଭା ଲଡୁ ଖାଇବାକୁ ଅନାଇ ବସିଛନ୍ତି । ଗୋଟିଏ ଆସନରେ ନବୀନ କାହାକୁ ପଠାଇବେ ତାହା ଉପରେ ସବୁ ବିଜେଡ଼ି ନେତାଙ୍କ ନଜର ରହିଛି । ବିଜେଡ଼ିରୁ ରାଜ୍ୟସଭା ଯିବା ପାଇଁ ପ୍ରଣବ ପ୍ରକାଶ ଦାସ, ସୁଜାତା କାର୍ତ୍ତିକେୟନ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ସଞ୍ଜୟ କୁମାର ଦାସବର୍ମା, ସଂନ୍ତୃପ୍ତ ମିଶ୍ର, ଅତନୁ ସବ୍ୟସାଚୀ ନାୟକଙ୍କ ଠାରୁ ନେଇ ଅନେକ ନେତା ରେସରେ ରହିଛନ୍ତି । ଅତୀତରେ ବିଜେଡ଼ିର ହାଇପ୍ରୋଫାଇଲ୍ ନେତାମାନଙ୍କର ରାଜ୍ୟସଭା ଲୋଭ ନଥିଲା । କାହିଁକିନା ସେମାନେ ବିଧାୟକ ବା ମନ୍ତ୍ରୀ ରହୁଥିଲେ । ଏବେ କିନ୍ତୁ ଅନେକ ବଡ଼ ନେତା ୨୦୨୪ରେ ଚିଟପଟାଙ୍ଗ ଦେଇଛନ୍ତି । ଫଳରେ ସମସ୍ତଙ୍କର ରାଜ୍ୟସଭା ଉପରେ ଆଶା ରହିଛି ।

ଅପରପକ୍ଷରେ ବିଜେପିରେ ବି ଲମ୍ବା ତାଲିକା ରହିଛି । ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି, ବସନ୍ତ ପଣ୍ଡା, ଗୋଲକ ମହାପାତ୍ରଙ୍କ ଭଳି ନେତାମାନେ ରାଜ୍ୟସଭା ଯିବା ପାଇଁ ଚାହୁଁଛନ୍ତି। ଦଳ ଦୁଇ ଆସନ ଜିତିବା ନିଶ୍ଚିତ ଥିବାବେଳେ ଗୋଟିଚାଳନା କଲେ ଆଉ ଏକ ଆସନ ବି ହାତେଇପାରିବ । ସେହିପରି ଜାତୀୟ ଦଳ ହୋଇଥିବାରୁ ବାହାର ରାଜ୍ୟର ନେତା ବି ଓଡ଼ିଶାରୁ ରାଜ୍ୟସଭା ଯିବାର ସମ୍ଭାବନାକୁ ଏଡ଼ାଇ ଦେଇହେବନାହିଁ।


# ସରପ୍ରାଇଜ୍ ଦେବେ କି ନବୀନ ?



ନବୀନ ବାବୁ ହେଉଛନ୍ତି ଓଡ଼ିଶା ରାଜନୀତିର ସରପ୍ରାଇଜ୍ ମାଷ୍ଟର। ଅନେକ ପ୍ରଭାବଶାଳୀ ନେତା ରାଜ୍ୟସଭା ଯିବାକୁ ହମ ହମ ହେଉଥିବାବେଳେ ଚର୍ଚ୍ଚାରେ ନଥିବା ଜଣେ ନେତା କି ନେତ୍ରୀଙ୍କୁ ନବୀନ ରାଜ୍ୟସଭାକୁ ପଠାଇଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ସେହିପରି ସୁଜାତା କାର୍ତ୍ତିକେୟନଙ୍କୁ ନବୀନ ଯଦି ରାଜ୍ୟସଭାକୁ ପଠାନ୍ତି ତେବେ ବୁଝିବାକୁ ପଡ଼ିବ ଆଗାମୀ ଦିନରେ ସେ ହିଁ ଦଳର ମଙ୍ଗ ଧରିବେ। ଏନେଇ ବି ଭିକେ ପାଣ୍ଡିଆନ ରଣନୀତି କରୁଥିବା ଜାଣିବାକୁ ମିଳିଛି। ପ୍ରଣବ ପ୍ରକାଶ ଦାସଙ୍କ ଭଳି ଅନେକ ନେତା ସୁଜାତା ରାଜ୍ୟସଭା ଯାଆନ୍ତୁ ବୋଲି ଚାହୁଁନାହାନ୍ତି। ଦଳ ଏବେ ପାୱାରରେ ନଥିବାରୁ ବବିଙ୍କୁ ରାଜ୍ୟସଭା ପଠାଇବା ପାଇଁ କିଛି ନେତା ଲବି ଆରମ୍ଭ କରିଦେଇଛନ୍ତି। ବବି ରାଜ୍ୟସଭା ଯିବାକୁ ସେତେଟା ଆଗ୍ରହୀ ନଥିଲେ ବି, ତାଙ୍କର ସମର୍ଥକ ବିଧାୟକମାନେ କିନ୍ତୁ ରାଜ୍ୟସଭା ଯାଆନ୍ତୁ ବୋଲି ଚାହୁଁଛନ୍ତି । ଯଦି ସେ ରାଜ୍ୟସଭା ଯାଆନ୍ତି ତେବେ ଦିଲ୍ଲୀରେ ତାଙ୍କର କାଟତି ବଢ଼ିବ । ରାଜ୍ୟସଭାରେ ବିଜେଡ଼ି ସଂସଦୀୟ ଦଳର ନେତା ବି ହୋଇପାରିବେ । ଏହି ସୁଯୋଗକୁ ବବି ଯଦି ହାତଛଡ଼ା କରନ୍ତି ତେବେ ବିଜେଡ଼ିର ମଙ୍ଗ ଧରିବା ସ୍ୱପ୍ନ ତାଙ୍କର ଅଧୁରା ରହିଯିବ ।

# ୧୯୫୨ର ରାଜ୍ୟସଭା ସାଂସଦ

୧୯୫୨ରେ ପ୍ରଥମ ଥର ପାଇଁ ରାଜ୍ୟସଭା ପାଇଁ ନିର୍ବାଚନ ହୋଇଥିଲା। ଏହି ସମୟରେ ଓଡ଼ିଶାରୁ ୯ ସାଂସଦ ନିର୍ବାଚିତ ହୋଇଥିଲେ। ଶୈଳବାଳା ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ ଓ ବୈଦ୍ୟନାଥ ରଥ ୨ ବର୍ଷ ପାଇଁ, ଜଗନ୍ନାଥ ଦାସ, ସୁନ୍ଦର ମୋହନ ହେମ୍ବ୍ରମ୍ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ୪ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ବୋଧରାମ ଦୁବେ, ରାଧାକ୍ରିଷ୍ଣ ବିଶ୍ୱସରାୟ ଓ ସୁରେନ୍ଦ୍ର ମହାନ୍ତି ୬ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ତେବେ ୧୯୫୭ରେ ସୁରେନ୍ଦ୍ର ମହାନ୍ତି ଢେଙ୍କାନାଳରୁ ଲୋକସଭାକୁ ଓ ରାଧାକ୍ରିଷ୍ଣ ଉମରକୋଟରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଫଳରେ ସେମାନେ ୫ ବର୍ଷ ପାଇଁ ରାଜ୍ୟସଭା ସାଂସଦ ହୋଇଥିଲେ ।



୨୦୦୯ରେ ବିଜେଡ଼ି ସେଞ୍ଚୁରୀ ମାରିବା ପରେ ନିଧଡ଼କ ଥିଲେ ନବୀନ । ବିଜେପି ହାତ ଛାଡ଼ିବା ପରେ ଦଳର ଏଭଳି ସଫଳତା ନବୀନଙ୍କ ଛାତି ଚଉଡ଼ା କରିଦେଇଥିଲା । ୨୦୧୪, ୨୦୧୯ରେ ବି ଶତକ ହାସଲ କରିଥିଲା ବିଜେଡ଼ି । ନବୀନଙ୍କ ଆଗରେ ବିରୋଧୀ ମଳିନ ପଡ଼ିଯାଇଥିଲେ । ହେଲେ ୨୦୨୪ରେ ବୋଧହୁଏ ନବୀନଙ୍କ ଗ୍ରହ ଖରାପ ପଡ଼ିଗଲା। ଭାଗ୍ୟ ଖରାପ ବେଳେ ଆକାଶରୁ ବଜ୍ର ଖସିବା ଭଳି ନବୀନଙ୍କ ବିଜେଡ଼ି ଉପରେ ମୋଦିଙ୍କ ପଦ୍ମଫୁଲ ଖସିପଡ଼ିଲା । ଫୁଲର କଅଁଳିଆ ପାଖୁଡ଼ାରେ ଗୁଣ୍ଡ ହୋଇଗଲା ଶଙ୍ଖ। ୨୦୨୨ର ସଫଳତାରେ ଉତ୍ସାହିତ ନବୀନ ଚବିଶରେ ଛକା ମାରିବା ପାଇଁ ଖୁବ୍ ଜୋରରେ ବ୍ୟାଟ୍ ବୁଲାଇଥିଲେବି ବାଉଣ୍ଡରୀରେ ମୋଦି କ୍ୟାଚ୍ ଆଉଟ୍ କରିନେଇଥିଲେ। ସେବେଠାରୁ ନବୀନ ବାବୁ ରାତି ଅନିଦ୍ରା । ପୁଣି କିଭଳି ବିଜେଡ଼ି କ୍ଷମତାକୁ ଆସିବ, ସେଥିପାଇଁ ଦିନରାତି ଅଙ୍କ କଷୁଛନ୍ତି । ହେଲେ ଯୋଗ୍ୟ ନେତା ଗଢ଼ିନଥିବାରୁ ମୁଗୁରା ପଛ ମେଲା ଭଳି ନବୀନଙ୍କୁ ଫଳ ମିଳୁଛି କହିଲେ ଭୁଲ୍ ହେବନାହିଁ ।

# ନବୀନ
# ରାତି ଅନିଦ୍ରା...

## ଗଢ଼ିଲେ ଛାୟା ମନ୍ତ୍ରୀମଣ୍ଡଳ

୨୦୨୪ ଜୁଲାଇରେ ବିଜୁ ଜନତା ଦଳର ୫୦ ବିଧାୟକଙ୍କୁ ନେଇ ନବୀନ ଗଢ଼ିଥିଲେ ଛାୟା ମନ୍ତ୍ରୀମଣ୍ଡଳ। ବିଧାୟକମାନଙ୍କୁ ବିଭିନ୍ନ ବିଭାଗ ଆବଣ୍ଟନ କରାଗଲା। ଯାହାର ଉଦ୍ଦେଶ୍ୟ ଥିଲା, ସେହି ସବୁ ବିଭାଗ ଉପରେ ବିଜେଡ଼ି ବିଧାୟକମାନେ ନଜର ରଖିବେ। ସରକାରଙ୍କୁ ଘେରିବା ପାଇଁ ରଣନୀତି କରିବେ। ବିଧାନସଭାରେ ବିଧାୟକମାନେ ବେଶ୍ ଆକ୍ରମଣାତ୍ମକ ଢଙ୍ଗରେ ଯୁକ୍ତି ଉପସ୍ଥାପନ କରିପାରିବେ । ହେଲେ ଏ ଯୋଜନାର ଫଳଘର ଶୂନ। ସତେଯେମିତି ବିଧାୟକମାନେ ନବୀନଙ୍କ ଏହି ରଣନୀତିକୁ ନାପସନ୍ଦ କଲେ।

## ଓଡ଼ିଶା ବୁଲିବାକୁ କହିଥିଲେ

୨୦୨୪ ଜୁନ୍‌ରେ ନବୀନଙ୍କ ହାତରୁ କ୍ଷମତା ଚାଲିଗଲା। ଆକସ୍ମିକ୍ ଝଟକାକୁ ସେ ସହଜରେ ଗ୍ରହଣ କରିପାରିନଥିଲେ। ବେଶ୍ କିଛି ଦିନ ଧରି ସେ ଗୁମ୍‌ସୁମ୍ ରହିବାକୁ ବାଧ୍ୟ ହୋଇଥିଲେ। ତେବେ ସେହିବର୍ଷ ଅଗଷ୍ଟରେ ସେ ଓଡ଼ିଶା ବୁଲିବେ ବୋଲି ଘୋଷଣା କଲେ। ମାନେ ୨୦୨୪ ନଭେମ୍ବରରୁ ସେ ଓଡ଼ିଶା ବୁଲିବାକୁ ଟାର୍ଗେଟ୍ ରଖିଥିଲେ। କିନ୍ତୁ ଅସୁସ୍ଥତା କାରଣରୁ ଯାଇପାରିଲେନି। ତେଣୁ ନେତା ଓ କର୍ମୀଙ୍କୁ ଡାକି ସେ ନବୀନ ନିବାସରେ ହିଁ କଥା ହୋଇଥିଲେ।



## ରାଜନୈତିକ ବ୍ୟାପାର କମିଟି ଗଠନ

୨୦୨୫ ମେ'ରେ ନବୀନ ବାବୁ ରାଜନୈତିକ ବ୍ୟାପାର କମିଟି ଗଠନ କରିଥିଲେ। ପୂର୍ବରୁ ବିଜେଡ଼ିରେ ପିଏସି ଥିଲା, ଯାହାର ଅଧ୍ୟକ୍ଷ ଥିଲେ ବିଜୟ ମହାପାତ୍ର । କିନ୍ତୁ ବିଜୟଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ପିଏସି ବି ଅଚଳ ହୋଇଯାଇଥିଲା । ତେବେ ନବଗଠିତ ପିଏସିରେ ଅନେକ ବରିଷ୍ଠ ନେତାମାନଙ୍କୁ ସାମିଲ୍ କରାଯାଇନଥିଲା । ଅପେକ୍ଷାକୃତ ଅନଭିଜ୍ଞ ନେତାଙ୍କୁ ଦାୟିତ୍ୱ ମିଳିଥିବାରୁ ଦଳରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଥିଲା ।

## ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା

୨୦୨୪ ଅଗଷ୍ଟରେ ପୁରୀ ଜିଲ୍ଲାର ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନାରୁ ନବୀନ ସଂଗଠନ ସଜଡ଼ା କାମ ଆରମ୍ଭ କରିଥିଲେ। ଏହାପରେ ପାଲଲହଡ଼ା, ବୋଲଗଡ଼, ବେଗୁନିଆ, ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀର ଜନ ପ୍ରତିନିଧିମାନଙ୍କ ସହ ଆଲୋଚନା ହୋଇଥିଲା । ସେପ୍ଟେମ୍ବରରେ ଢେଙ୍କାନାଳ, ଗଁଡିଆ, ବାଣପୁର, ହିନ୍ଦୋଳ, ନୂଆପଡ଼ା, ନୟାଗଡ଼ର ଜନ ପ୍ରତିନିଧିମାନେ ନବୀନଙ୍କ ସହ କଥା ହୋଇଥିଲେ । ଡିସେମ୍ବରରେ ନବୀନ ବାବୁ ପଦ୍ମପୁର, ବାଲେଶ୍ୱର, କୁଜଙ୍ଗର ପ୍ରତିନିଧିଙ୍କ ସହ ଆଲୋଚନା କଲେ। ସେହି ମାସରେ କିଛି ଜିଲ୍ଲା ଗସ୍ତକରି ନବୀନ ବାବୁ କୃଷକଙ୍କୁ ଭେଟିଥିଲେ ।

## ଶଙ୍ଖ ଭବନରେ ଆଲୋଚନା କର

ହୋଟେଲରେ ବିଜେଡ଼ି ନେତାଙ୍କ ମେଳିକୁ ନବୀନ ନାପସନ୍ଦ କରିଥିଲେ। ୨୦୨୫ ଅପ୍ରେଲରେ ନବୀନ ବାବୁ ନେତାଙ୍କୁ କହିଥିଲେ, ଆପଣଙ୍କ ପାଇଁ ଏତେବଡ଼ ଶଙ୍ଖ ଭବନ ଅଛି । ଶଙ୍ଖ ଭବନ ଆସି ଆଲୋଚନା କରନ୍ତୁ । ଭିକେ ପାଣ୍ଡିଆନ୍ ଦଳୀୟ କାର୍ଯ୍ୟ କିଛି ବୁଝୁନାହାନ୍ତି ବୋଲି ସ୍ପଷ୍ଟୀକରଣ ଦେଇଥିଲେ ।

## ମୁମ୍ବାଇରେ ଅପରେସନ୍

ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅପରେସନ୍ ପାଇଁ ୨୦୨୫ ଜୁନ୍ ୧୯ରେ ମୁମ୍ବାଇ ଗଲେ । ଜୁନ୍ ୨୨ରେ ତାଙ୍କର ସର୍ଜରୀ ହୋଇଥିଲା । ସେହି ସମୟରେ ତାଙ୍କୁ ଭେଟିବା ପାଇଁ କିଛି ନେତା ମୁମ୍ବାଇ ଯାଇଥିଲେବି ପାଣ୍ଡିଆନଙ୍କ ଭିଡ଼ିଓ କଲରେ ହିଁ ସେମାନେ ନବୀନଙ୍କୁ ଦେଖି ପାରିଥିଲେ । ଜୁଲାଇ ୧୨ରେ ସେ ଓଡ଼ିଶା ଫେରିଥିଲେ । ଏହା ପୂର୍ବରୁ ନବୀନ ବାବୁ ଏତେ ଦିନ ଧରି ଓଡ଼ିଶା ବାହାରେ ନଥିଲେ ।

## ବର୍ଦ୍ଧିତ ଦରମା ଲୋକଙ୍କ କାମରେ ଲାଗୁ

ବିଧାନସଭାରେ ଦରମା ବୃଦ୍ଧି ବିଲ୍ ପାରିତ ହେବାପରେ ସାରା ଓଡ଼ିଶାରେ ଜନ ଅସନ୍ତୋଷ ପରିଲକ୍ଷିତ ହୋଇଥିଲା। ଯଦିଓ ବିଧାନସଭାରେ ବିଜେଡ଼ି ବିଲକୁ ସମର୍ଥନ କରିଥିଲା, ଡ୍ୟାମେଜ କଣ୍ଟ୍ରୋଲ ପାଇଁ ନବୀନ ବାବୁ ବର୍ଦ୍ଧିତ ଦରମା ଲୋକଙ୍କ କାମରେ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଅବଶ୍ୟ ନବୀନଙ୍କ ଏହି ଇଲମ କାମ ଦେଇଥିଲା। ପରେପରେ ବିଜେପି ବିଧାୟକମାନେ ବି ବର୍ଦ୍ଧିତ ଦରମାର ପୁନଃବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ବିଜେଡ଼ି ବିଧାୟକମାନେ ବି ଅନୁରୂପ ନିବେଦନ କରିଥିଲେ। ଫଳରେ ଦରମା ବିଲ୍ ଶୀତଳ ଭଣ୍ଡାରକୁ ଚାଲି ଯାଇଥିଲା ।

## ନୂଆପଡ଼ା ଝଟକା

ନୂଆପଡ଼ା ଉପନିର୍ବାଚନରେ ପ୍ରଥମେ ଦଳକୁ ଝଟକା ଦେଇଥିଲେ ଜୟଢୋଲକିଆ। ପରେ ସମସ୍ତଙ୍କୁ ଚକିତ କରି ନବୀନ ବାବୁ ବାହାର ଜିଲ୍ଲାର ନେତ୍ରୀ ସ୍ନେହାଙ୍ଗିନୀ ଛୁରାଆଙ୍କୁ ଟିକେଟ୍ ଦେଇଥିଲେ। ଆକ୍ରମଣାତ୍ମକ ଢଙ୍ଗରେ ବିଜେଡ଼ି ନୂଆପଡ଼ାରେ ଡେରା ପକାଇ ଲଢ଼େଇ କରିଥିଲା। ସ୍ୱାସ୍ଥ୍ୟ ଠିକ୍ ନଥିଲେବି ନବୀନ ବାବୁ ଦୁଇ ଦୁଇ ଥର ନୂଆପଡ଼ା ଯାଇଥିଲେ। ନଜିତିଲେ ବି ଦଳ ଭଲ ଫାଇଟ୍ ଦେଇ ଦୁଇ ନମ୍ବର ସ୍ଥାନରେ ରହିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଫଳାଫଳ ନବୀନଙ୍କୁ ମ୍ରିୟମାଣ କରିଦେଇଥିଲା। ଦଳ ତୃତୀୟ ସ୍ଥାନକୁ ଠେଲି ହୋଇଯାଇଥିବାରୁ କର୍ମୀଙ୍କ ମନୋବଳ ଭାଙ୍ଗି ଯାଇଥିଲା। ତେବେ ନିଜର ଦୁର୍ବଳତା ଘୋଡ଼ାଇବାକୁ ଦଳ ଭୋଟ୍ ଜାଲିଆତି କଥା କହି ଗର୍ଜନ କରିଥିଲା। କିନ୍ତୁ ଯେଭଳି ଘୋଷଣା କରିଥିଲା ଦଳ ସେଭଳି ଭାବେ ଇସିଆଇଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପିତ କରିପାରିନଥିଲା।

## ନୂଆବର୍ଷରୁ ବିଧାୟକଙ୍କ ସହ ଆଲୋଚନା

ନୂଆବର୍ଷରୁ ନବୀନଙ୍କୁ ଫୁଲ ଯୋଶରେ ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଥିଲା ବିଜେଡ଼ି। ନବୀନ ନିବାସ ବି ବେଶ୍ ଚଳଚଞ୍ଚଳ ହୋଇଯାଇଥିଲା। ବିଧାୟକମାନଙ୍କୁ ଡାକି ନବୀନ ଆଲୋଚନା କରିବା ସହ ସଂଗଠନ ପାଇଁ ଟାସ୍କ ବି ଦେଇଥିଲେ। ସେହିପରି ପିଏସି ବୈଠକରେ ବି ଦଳର ସଂଗଠନ ନେଇ ଆଲୋଚନା କରିଥିଲେ।

ଇତିମଧ୍ୟରେ ନବୀନ ବାବୁ ଦଳର ସାଂଗଠନିକ ପୁନର୍ଗଠନ କରିସାରିଛନ୍ତି। ଦଳର ଯୁବ, ଛାତ୍ର ଓ ମହିଳା ମୋର୍ଚ୍ଚା ବି ଗଢ଼ି ସାରିଛନ୍ତି । ବିଭିନ୍ନ ଜିଲ୍ଲାର ସଭାପତିଙ୍କ ସହ ବଡ଼ ଟିମ୍ ଗଠନ କରିଛନ୍ତି। ତଥାପିବି ନବୀନଙ୍କ ରଣନୀତି କର୍ମୀଙ୍କ ଯୋଶ୍ ବଢ଼ାଇ ପାରିନାହିଁ। ବରିଷ୍ଠ ନେତାଙ୍କ ମଧ୍ୟରେ ଫାଟ ବି ଜଳ ଜଳ କରି ଦୃଶ୍ୟମାନ ହେଉଛି । ନବୀନଙ୍କ ନିଷ୍ପତ୍ତିକୁ ବି ଅନେକ ଚ୍ୟାଲେଞ୍ଜ କରିବାକୁ ପଛାଉନାହାନ୍ତି। ସେହିପରି ୨୦୨୪ ପରଠାରୁ ଦଳରେ ଉତ୍ତରାଧିକାରୀକୁ ନେଇ ବି ଶୀତଳଯୁଦ୍ଧ ଆରମ୍ଭ ହୋଇଯାଇଛି । ତେବେ ନବୀନ କାହାକୁ ବି ଉତ୍ତରାଧିକାରୀ ଘୋଷଣା ନକରିବା ମୁଡ଼ରେ ରହିଛନ୍ତି। ନବୀନ ସିନା ରାତି ଅନିଦ୍ରା ହୋଇ ଦଳ ପାଇଁ ଖଟୁଛନ୍ତି କିନ୍ତୁ ବାକି ବାରଣା ନେତା ଶୋଇ ରହିଥିବାରୁ ଶଙ୍ଖ ଭୋଟ୍ ଖୋଲା ମୁଗୁରାରୁ ବାହାରି ପଦ୍ମପୋଖରୀରେ ପଶିଯାଉଛି।



## ଆଇ ଆମ ଡାଉନ୍, ବଟ୍ ନଟଆଉଟ୍

୨୦୨୫ ଅଗଷ୍ଟରେ ନବୀନ ହଠାତ୍ ସମ ଅଲଟିମେଟ୍ ହସପିଟାଲରେ ଭର୍ତ୍ତି ହେଲେ। ଗୋଟିଏ ପଟେ ନବୀନ ବେଡ୍‌ରେ ଥିବାବେଳେ ଅପରପକ୍ଷରେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ କୌଣସି ସୂଚନା ମିଳିନଥିବାରୁ ବରିଷ୍ଠ ନେତାମାନେ ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ସେହି ସମୟରେ ଭିକେ ପାଣ୍ଡିଆନ୍‌ଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନଙ୍କୁ ଲକ୍ଷ୍ୟ କରି ରଣେନ୍ଦ୍ର ପ୍ରତାପ ସ୍ୱାଇଁ କିଛି କହିଥିଲେ। ଯାହାର ପ୍ରତିକ୍ରିୟାରେ ଦଳର ନେତାଙ୍କୁ ପାଣ୍ଡିଆନ୍ କହିଥିଲେ, ଆଇ ଆମ୍ ଡାଉନ୍, ବଟ୍ ନଟଆଉଟ୍। ଯାହାକୁ ନେଇ ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚା ହୋଇଥିଲା। ନବୀନ ସୁସ୍ଥ ହୋଇ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କଲ୍ କରି ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ ।





## ଅରବିନ୍ଦ ଓ ସନାଙ୍କୁ ନିଲମ୍ବନ

ଦଳରେ ଦିନକୁ ଦିନ ବିଶୃଙ୍ଖଳତା ବଢ଼ି ବଢ଼ି ଚାଲିଥିଲା। ହାରୁ ନେତାମାନେ ମେଳି ବାନ୍ଧୁଥିଲେ। ଏଭଳି ସମୟରେ କଡ଼ା ବାର୍ତ୍ତା ଦେଇଥିଲେ ନବୀନ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ସେ ନିଲମ୍ବନ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ତେବେ ଏହି ପ୍ରସଙ୍ଗରେ ଦଳ କିନ୍ତୁ ଅକଳରେ ପଡ଼ିଯାଇଥିଲା। ଦଳର ବରିଷ୍ଠ, ଯୁବ ଓ ଛାତ୍ର ନେତାମାନେ ବି ନବୀନଙ୍କ ଏଭଳି ରଣନୀତି ଦେଖି ବିସ୍ମିତ ହୋଇଯାଇଥିଲେ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

୨୬ ଜାନୁଆରୀ-୦୧ ଫେବୃଆରୀ ୨୦୨୬ ୯

# ରାଜ୍ୟସଭା ନିର୍ବାଚନ ଅଙ୍କ



ସଂସଦର ଉଚ୍ଚ ସଦନ ହେଉଛି ରାଜ୍ୟସଭା। ଲୋକସଭା ସିନା କେତେକ ସମୟରେ ସରକାର ଗଢ଼ିବାକୁ ସଂଖ୍ୟା ଅଭାବରୁ ଭାଙ୍ଗିଯାଏ, କିନ୍ତୁ ରାଜ୍ୟସଭା କେବେ ଭାଙ୍ଗେନାହିଁ। ଏହା ଏକ ସ୍ଥାୟୀ ସଦନ। ପ୍ରତି ଦୁଇ ବର୍ଷରେ ରାଜ୍ୟସଭା ନିର୍ବାଚନ ହୋଇଥାଏ। ରାଜ୍ୟସଭାର ସାଂସଦମାନେ ୬ ବର୍ଷ ପାଇଁ ନିର୍ବାଚିତ ହୋଇଥା'ନ୍ତି। ଅବଶ୍ୟ ମଝିରେ ମଝିରେ ଉପନିର୍ବାଚନ ହୁଏ। ତେବେ ଯେଉଁ ସାଂସଦଙ୍କ ପାଇଁ ଉପନିର୍ବାଚନ ହୁଏ, ସେହି ସ୍ଥାନକୁ ଯିଏ ନିର୍ବାଚିତ ହୁଅନ୍ତି ସେମାନେ ୬ ବର୍ଷରୁ ବଳକା ରହିଥିବା ସମୟ ପାଇଁ ହିଁ ସାଂସଦ ରୁହନ୍ତି। ଉଦାହରଣ ସ୍ୱରୁପ; ଚୌଧୁରୀ ଅମିତାଭ ଦାସ ୬ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। କିନ୍ତୁ ସେ ତିନି ବର୍ଷ କାର୍ଯ୍ୟ କରିବା ପରେ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଲେ। ତାଙ୍କ ସ୍ଥାନରେ ଯେତେବେଳେ ବିଶ୍ୱଜିତ୍ ଦାସ ନିର୍ବାଚିତ ହେବେ, ସେତେବେଳେ ତାଙ୍କର କାର୍ଯ୍ୟକାଳ ବଳକା ୩ ବର୍ଷ ହିଁ ରହିବ। ରାଜ୍ୟସଭାରେ ସର୍ବାଧିକ ସଭ୍ୟ ସଂଖ୍ୟା ହେଉଛି ୨୫୦। ସେଥିମଧ୍ୟରୁ ୨୩୮ ଜଣ ନିର୍ବାଚିତ ଓ ୧୨ ଜଣ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହେବାର ବିଧି ରହିଛି। ସମ୍ପ୍ରତି ରାଜ୍ୟସଭାରେ ୨୩୩ ଜଣ ନିର୍ବାଚିତ ଓ ୧୨ ଜଣ ମନୋନୀତ ସଦସ୍ୟ ହିଁ ଅଛନ୍ତି।

## ଏକକ ଭୋଟ୍ ହସ୍ତାନ୍ତରଣ

ଏକକ ଭୋଟ୍ ହସ୍ତାନ୍ତରଣ ବା ସିଙ୍ଗଲ ଟ୍ରାନ୍ସଫରେବଲ ଭୋଟ୍ (ଏସଟିଭି) ଆଧାରରେ ରାଜ୍ୟସଭା ନିର୍ବାଚନ ହୋଇଥାଏ। ବିଧାନସଭାର ବିଧାୟକମାନେ ହିଁ ରାଜ୍ୟସଭା ସାଂସଦଙ୍କୁ ନିର୍ବାଚିତ କରିଥା'ନ୍ତି। ଏହି ଭୋଟିଂ ପ୍ରକ୍ରିୟାରେ ଭୋଟ୍ ଟ୍ରାନ୍ସଫର ବା ହସ୍ତାନ୍ତରଣ ହୋଇଥାଏ। ଯେତେବେଳେ ଜଣେ ପ୍ରାର୍ଥୀ ନିର୍ଦ୍ଧାରିତ କୋଟା ଠାରୁ ଅଧିକ ଭୋଟ୍ ପାଇଥା'ନ୍ତି, ତାଙ୍କ ପାଖରେ ବଳକା ଭୋଟ୍ ଥାଏ ସେତେବେଳେ ତାହା ଅନ୍ୟ ପ୍ରାର୍ଥୀଙ୍କୁ ସ୍ଥାନାନ୍ତରିତ ହୋଇଥାଏ। ସେହିପରି ଯଦି ଜଣେ ପ୍ରାର୍ଥୀ ପ୍ରଥମ ପସନ୍ଦର ବହୁତ୍ କମ୍ ଭୋଟ ପାଇଥା'ନ୍ତି, ଅର୍ଥାତ୍ ତାଙ୍କର ଜିତିବାର ଆଦୌ ସମ୍ଭାବନା ନଥାଏ ସେ କ୍ଷେତ୍ରରେ ବି ଭୋଟ୍ ଟ୍ରାନ୍ସଫର ହୁଏ। ରାଜ୍ୟସଭା ନିର୍ବାଚନ ବେଳେ ବିଧାୟକମାନେ ସାଂସଦ ପ୍ରାର୍ଥୀଙ୍କୁ ପ୍ରଥମ ପସନ୍ଦ, ଦ୍ୱିତୀୟ ପସନ୍ଦ, ତୃତୀୟ ପସନ୍ଦ ଭାବେ ମତଦାନ କରନ୍ତି। ଯେତେବେଳେ ପ୍ରଥମ ପସନ୍ଦ ଭୋଟ୍‌ରେ ଜଣେ ପ୍ରାର୍ଥୀ ନିର୍ଦ୍ଧାରିତ କୋଟା ବା ବିଜୟ ସଂଖ୍ୟା ହାସଲ ନକରନ୍ତି ସେତେବେଳେ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣାଯାଏ। ଯେପର୍ଯ୍ୟନ୍ତ ଜଣେ ପ୍ରାର୍ଥୀ ନିର୍ଦ୍ଧାରିତ କୋଟା ହାସଲ କରିନାହାନ୍ତି ସେ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଭୋଟ୍ ଗଣିବାର ଏକ ଜଟିଳ ବିଧି ରହିଛି।

### ବାଲାଟ ପେପର ସାମ୍ପଲ

| ପ୍ରାର୍ଥୀଙ୍କ ନାମ | ଅର୍ଡର ଅଫ ପ୍ରିଫରେନ୍ସ |
|---|---|
| ମୁକେଶ ପରିଡ଼ା | ୨ |
| ରଞ୍ଜନ ପ୍ରଧାନ | ୧ |
| ଶ୍ରୀରାମ ମହାନ୍ତି | ୩ |

## କୋଟା

ରାଜ୍ୟସଭାରେ ବିଜୟ ହାସଲ ପାଇଁ ମତଦାନ କରିଥିବା ବିଧାୟକଙ୍କ ସଂଖ୍ୟା ଆଧାରରେ ଏକ କୋଟା ଧାର୍ଯ୍ୟ କରାଯାଇଥାଏ। ଅର୍ଥାତ୍ ବିଜୟ ପାଇଁ ସର୍ବନିମ୍ନ ଭୋଟକୁ କୋଟା ବୋଲି କୁହାଯାଏ। ପୂରଣ ହେବାକୁ ଥିବା ଆସନ ସଂଖ୍ୟା ଆଧାରରେ ଏହା ଧାର୍ଯ୍ୟ କରାଯାଏ।

## ଯଦି ପ୍ରଥମ ପସନ୍ଦ ଭୋଟରେ କେହି ନଜିତନ୍ତି


ରାଜ୍ୟସଭା ନିର୍ବାଚନରେ ବିଧାୟକମାନେ ମତଦାନ କରିବା ବେଳେ ପ୍ରିଫରେନ୍ସ ଭୋଟ୍ ବା ପସନ୍ଦ ଭୋଟ ଦେଇଥା'ନ୍ତି। ସେମାନେ ଭୋଟ୍ ଦେବାବେଳେ ପ୍ରଥମ, ଦ୍ୱିତୀୟ, ତୃତୀୟ ଆଦି ପସନ୍ଦ ଉଲ୍ଲେଖ କରନ୍ତି। ଯଦି କାହାକୁ ପ୍ରଥମ ପସନ୍ଦ ଭୋଟ୍ ଧାର୍ଯ୍ୟ ସଂଖ୍ୟା ଅନୁସାରେ ନମିଳେ ତେବେ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣତି କରାଯାଏ । ଏହି ଗଣନା ପ୍ରକ୍ରିୟା ଟିକେ ଜଟିଳ।

ଏଇ ଯେମିତିକି, ଯେଉଁ ପ୍ରାର୍ଥୀ ସବୁଠାରୁ କମ୍ ପ୍ରଥମ ପସନ୍ଦ ଭୋଟ୍ ପାଇଥିବେ ସେ ସମ୍ପୂର୍ଣ୍ଣ ବାଦ୍ ପଡ଼ିବେ। ତାଙ୍କର ଭୋଟ୍ ଅନ୍ୟ ପ୍ରାର୍ଥୀଙ୍କୁ ଟ୍ରାନ୍ସଫର କରାଯିବ। ଏହି ଟେବୁଲ ଦେଖିଲେ ଜଣେ ବୁଝିପାରିବେ।

ମନେକର ଜିତିବା ପାଇଁ ୬୧୮ ପ୍ରଥମ ପସନ୍ଦର ଭୋଟ୍‌ର ଆବଶ୍ୟକତା ରହିଛି। ହେଲେ ଚାରି ପ୍ରାର୍ଥୀଙ୍କ ମଧ୍ୟରୁ କାହାକୁ ସେତିକି ଭୋଟ୍ ମିଳିଲା ନାହିଁ।

| ପ୍ରାର୍ଥୀଙ୍କ ନାମ | ପ୍ରଥମ ପସନ୍ଦ ଭୋଟ୍ |
|---|---|
| ମାନସ | ୨୩୫ |
| ଭବାନୀ | ୩୦୦ |
| ଦୁର୍ଗାଶିଷ | ୪୫୦ |
| ଜୟଶ୍ରୀ | ୨୫୦ |

ପ୍ରଥମ ରାଉଣ୍ଡର ଫଳାଫଳ ଅନୁଯାୟୀ, କାହାକୁ ୬୧୮ ଭୋଟ୍ ମିଳିନଥିବାରୁ ଦ୍ୱିତୀୟ ପସନ୍ଦ ବା ଦ୍ୱିତୀୟ ରାଉଣ୍ଡ ଭୋଟ୍ ଗଣତି କରାଯିବ। ସବୁଠାରୁ କମ୍ ଭୋଟ୍ ପାଇଥିବାରୁ ମାନସଙ୍କୁ ଦୌଡ଼ରୁ ବାହାରି ଯିବାକୁ ପଡ଼ିବ। ତେବେ ମାନସଙ୍କ ବାଲାଟରେ ଥିବା ଦ୍ୱିତୀୟ ପସନ୍ଦର ଭୋଟ୍ ଅନ୍ୟ ପ୍ରାର୍ଥୀଙ୍କ ଭୋଟ୍‌ରେ ଯୋଡ଼ାଯିବ। ମନେକର, ମାନସଙ୍କୁ ମିଳିଥିବା ୨୩୫ ପ୍ରଥମ ପସନ୍ଦ ବାଲାଟରେ ଦ୍ୱିତୀୟ ପସନ୍ଦ ଭାବେ ଦୁର୍ଗାଶିଷଙ୍କୁ ୧୭୦ ଭୋଟ୍ ମିଳିଛି। ଦୁର୍ଗାଙ୍କର ପୂର୍ବରୁ ଥିବା ୪୫୦ ସହ ଏହି ୧୭୦ ମିଶାଯିବ। ସେହିପରି ମାନସଙ୍କ ବାଲାଟରେ ଦ୍ୱିତୀୟ ପସନ୍ଦ ଭାବେ ଜୟଶ୍ରୀଙ୍କୁ ୩୦ ଓ ଭବାନୀଙ୍କୁ ୩୫ ଖଣ୍ଡ ଭୋଟ୍ ମିଳିଛି। ଏଭଳି କ୍ଷେତ୍ରରେ ଦୁର୍ଗାଶିଷଙ୍କର ୪୫୦+୧୭୦= ୬୨୦ ହୋଇଯାଉଥିବାରୁ ସେ ବାଜିମାତ୍ କଲେ ବୋଲି ଘୋଷଣା କରାଯିବ ।




## ଦୃଶ୍ୟପଟ୍ଟ ୧

ମନେକର ନିର୍ବାଚନରେ ଗୋଟିଏ ଆସନ ପୂରଣ ହେବାର ଅଛି। ସେ କ୍ଷେତ୍ରରେ କୋଟା ହେଉଛି

$$\frac{\text{ଭୋଟ୍ ଦେଇଥିବା ବିଧାୟକଙ୍କ ସଂଖ୍ୟା}}{\text{ପୂରଣ ହେବାକୁ ଥିବା ଆସନ ସଂଖ୍ୟା + ୧}} + ୧$$

ଯଦି ଓଡ଼ିଶା ବିଧାନସଭାର ୧୪୭ ବିଧାୟକ ଗୋଟିଏ ରାଜ୍ୟସଭା ଆସନ ପାଇଁ ଭୋଟ୍ ଦିଅନ୍ତି ତେବେ କୋଟା ହେବ:

$$\frac{୧୪୭}{୧+୧} + ୧ = ୭୪.୫$$

ଅର୍ଥାତ୍ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୭୪ଟି ପ୍ରଥମ ପସନ୍ଦର ଭୋଟ୍ ଆବଶ୍ୟକ ପଡ଼ିବ ।

## ଦୃଶ୍ୟପଟ୍ଟ ୨

ଯଦି ଏକାଧିକ ଆସନ ପାଇଁ ନିର୍ବାଚନ ହେବ ତେବେ ପ୍ରତି ବାଲାଟ ପେପରର ଭ୍ୟାଲୁ ୧୦୦ ହିସାବରେ ଗଣାଯିବ। ଆଗକୁ ଓଡ଼ିଶାରେ ୪ ରାଜ୍ୟସଭା ଆସନ ପୂରଣ ହେବ। ଏକ୍ଷେତ୍ରରେ କୋଟାଟି ହେଉଛି;

$$\frac{୧୪୭x୧୦୦}{୪+୧} + ୧ = ୨୯୪୧$$

ଅର୍ଥାତ୍ ସମସ୍ତ ୧୪୭ ବିଧାୟକ ଭୋଟ ଦେଲେ ଜିତିବା ପାଇଁ ସର୍ବନିମ୍ନ ୩୦ ଖଣ୍ଡ ପ୍ରଥମ ପସନ୍ଦର ଭୋଟ୍ ଆବଶ୍ୟକ। ଯଦି କିଛି ବିଧାୟକ ଅନୁପସ୍ଥିତ ରୁହନ୍ତି ବା ଭୋଟ୍ ନାକଚ ହୁଏ ତେବେ କୋଟା ହ୍ରାସ ପାଇବ । କାହିଁକିନା ବୈଧ ଭୋଟ୍ ଆଧାରରେ ହିଁ କୋଟା ନିର୍ଦ୍ଧାରିତ ହେବ ।

## କେମିତି ହେବେ ପ୍ରାର୍ଥୀ ?

ରାଜ୍ୟସଭା ନିର୍ବାଚନ ପାଇଁ କେବଳ ନାମାଙ୍କନ ପତ୍ର ଭରିଦେଲେ ହେବନାହିଁ। ଏଥିପାଇଁ ୧୦ ବିଧାୟକଙ୍କ ସମର୍ଥନ ରହିଥିବା ଦରକାର। ପ୍ରାର୍ଥୀପତ୍ରରେ ୧୦ ବିଧାୟକଙ୍କ ଦସ୍ତଖତ ନଥିଲେ ତାହା ନାକଚ ହୋଇଯିବ।

## ହ୍ୱିପ୍ ଜାରି କରିପାରିବ ଦଳ

ଦଳ ପକ୍ଷରୁ ଏନେଇ ହ୍ୱିପ୍ ବି ଜାରି କରାଯାଇପାରିବ। ଯଦି ଜଣେ ବିଧାୟକ ହ୍ୱିପ୍ ନମାନନ୍ତି ବା କ୍ରସ ଭୋଟିଂ କରନ୍ତି ତେବେ ଦଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ତେବେ ଦଳର ହ୍ୱିପକୁ ନମାନିଲେ ସେମାନଙ୍କ ସଭ୍ୟ ପଦ ରଦ୍ଦ ହେବନାହିଁ।

## ଓପନ୍ ବାଲାଟ

୨୦୦୩ ପୂର୍ବରୁ ରାଜ୍ୟସଭା ନିର୍ବାଚନ ସିକ୍ରେଟ୍ ବାଲାଟ ଆଧାରରେ ହେଉଥିଲା। ତେବେ ୨୦୦୩ରେ ରିପ୍ରେଜେଣ୍ଟେସନ ଅଫ ଦ ପିପୁଲ ଆକ୍ଟ ୨୦୦୩ ଅନୁଯାୟୀ ଏବେ ତାହା ଓପନ ଭୋଟିଂ ବ୍ୟବସ୍ଥା ଆଧାରରେ ହେଉଛି। ବିଶେଷକରି କ୍ରସଭୋଟିଂକୁ ରୋକିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି।

## ଭୋଟ୍ ଦେବା ପରେ ଏଜେଣ୍ଟଙ୍କୁ ଦେଖାଇବେ

ଭୋଟ୍ ଦେବା ପରେ ବିଧାୟକମାନେ ଦଳୀୟ ଏଜେଣ୍ଟଙ୍କୁ ତାହା ଦେଖାଇବେ। ଯଦି ଏଜେଣ୍ଟଙ୍କୁ ନଦେଖାଇବେ ତେବେ ତାଙ୍କ ଭୋଟ୍ ଗଣତି କରାଯିବ ନାହିଁ। ସ୍ୱାଧୀନ ବିଧାୟକମାନେ କାହାକୁ ନିଜର ଭୋଟ୍ ଦେଖାଇବା ଦରକାର ନାହିଁ।

## ଆୟାର୍ଲାଣ୍ଡ ନା ଦକ୍ଷିଣ ଆଫ୍ରିକା ?

ରାଜ୍ୟସଭା ନିର୍ବାଚନ ପ୍ରକ୍ରିୟା କେଉଁ ଦେଶର ସମ୍ବିଧାନରୁ ଆସିଛି ତାହାକୁ ନେଇ ଭିନ୍ନ ମତ ପ୍ରକାଶ ପାଉଛି। କିଏ ଆୟାର୍ଲାଣ୍ଡ ବୋଲି କହୁଥିବାବେଳେ ଆଉ କେହି ଦକ୍ଷିଣ ଆଫ୍ରିକା ବୋଲି କହୁଛନ୍ତି। କେତେକଙ୍କ ମତରେ ରାଷ୍ଟ୍ରପତିଙ୍କ ଦ୍ୱାରା ୧୨ ସଦସ୍ୟଙ୍କୁ ରାଜ୍ୟସଭା ପାଇଁ ମନୋନୀତ କରିବା ପ୍ରକ୍ରିୟା ଆୟାର୍ଲାଣ୍ଡରୁ ଆସିଛି। ତେବେ ଦକ୍ଷିଣ ଆଫ୍ରିକାର ସମ୍ବିଧାନରୁ ପରୋକ୍ଷ ନିର୍ବାଚନ ଓ ସିଙ୍ଗଲ ଟ୍ରାନ୍ସଫରେବଲ୍ ଭୋଟ୍ ବ୍ୟବସ୍ଥା ଆସିଥିବା କୁହାଯାଉଛି ।

ଗର୍ବିତ ଓଡିଆ



# ବେଗୁନିଆରେ ଯତୀନ୍-ଅପରାଜିତା ଲଢ଼େଇ

**ବେଗୁନିଆ ବିଜେପି ସବୁବେଳେ ନୂଆ ମୋଡ଼ ନେବାରେ ଲାଗିଛି। ୨୦୦୦ରୁ ଏଯାବତ୍, ୬ ଥର ବିଧାନସଭା ନିର୍ବାଚନ ହୋଇଥିବାବେଳେ ବିଜେପି ୫ ଥର ନିର୍ବାଚନ ଲଢ଼ିଛି । ଆଉ ସବୁଠାରୁ ବଡ଼ କଥାଟି ହେଲା, ପ୍ରତି ଥର ପ୍ରାର୍ଥୀ ବଦଳିବାରେ ଲାଗିଛି। ଏବେ ବି ବେଗୁନିଆ-ବୋଲଗଡ଼ ରାଜନୀତିକୁ ଅନୁଶୀଳନ କଲେ ୨୦୨୯ରେ ଦଳ ପୁଣି ପ୍ରାର୍ଥୀ ବଦଳାଇବା ନିଶ୍ଚିତ କହିଲେ ଭୁଲ୍ ହେବନାହିଁ।**

## ବିଜେପିକୁ ମାଟି କରିଦେଲେ ପ୍ରଶାନ୍ତ ନନ୍ଦ

୨୦୦୦ରେ ବେଗୁନିଆରେ ଭାରତୀୟ ଜନତା ପାର୍ଟିକୁ ପ୍ରଥମ ସଫଳତା ମିଳିଥିଲା। ପ୍ରଶାନ୍ତ ନନ୍ଦ ମେଣ୍ଟ ପ୍ରାର୍ଥୀ ଭାବେ ଜିତି ମନ୍ତ୍ରୀ ବି ହୋଇଥିଲେ। ହେଲେ ବିଜେପିରୁ ଜିତିବା ପରେ ସେ ବେଗୁନିଆକୁ କେବଳ ଅତିଥି ଭାବେ ଆସୁଥିଲେ। ବାକି ସମୟ ଭୁବନେଶ୍ୱରରେ ରହି ରାଜ୍ୟ ରାଜନୀତିରେ ମୁଣ୍ଡ ଖେଳାଉଥିଲେ। ସଂଗଠନ ଉପରେ ପ୍ରଶାନ୍ତ ଧ୍ୟାନ ଦେଉନଥିବାରୁ ବେଗୁନିଆରେ ବିଜେପି ଉଧେଇ ପାରିନଥିଲା ।



## ବିଜେପି ନେତାଙ୍କୁ କିଣିନେଲେ ଜାନକୀ

୨୦୦୪ରେ ବେଗୁନିଆ ଆସନଟି ବିଜେଡ଼ି ଭାଗରେ ପଡ଼ିଲା। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ଲଢ଼ିଥିଲେ ପ୍ରଶାନ୍ତ ଜଗଦ୍ଦେବ। ସେତେବେଳେ ବେଗୁନିଆ ବିଜେପିର କେତେକ ନେତା ଜାନକୀବାବୁଙ୍କ ଠାରୁ ବାଇକ୍ ଓ ତେଲ ଖର୍ଚ୍ଚ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ନେଇ ଭୋଟ୍ ମଡ଼େଇ ଦେଇଥିଲେ। ବିଜେପି ନେତାଙ୍କ ଧୋକାବାଜୀ ପାଇଁ ଗଣେଶ ଅଳ୍ପ ଭୋଟ୍‌ରେ ହାରି ଯାଇଥିଲେ। ସେଇ ରାଗରେ ନିର୍ବାଚନ ଫଳାଫଳ ବାହାରିବା ଦିନ ଖୋର୍ଦ୍ଧା ବିଜେପିର ଜଣେ ଟାଣୁଆ ନେତାଙ୍କୁ ବିଜେବି କଲେଜ ପଡ଼ିଆରେ ଗୋଇଠା ମାରିବାକୁ ପଛାଇନଥିଲେ ଜଗଦ୍ଦେବ।



## ନାମାଙ୍କନ ବେଳେ ବଦଳିଲା ଟିକେଟ୍

୨୦୦୯ରେ ବିଜେଡ଼ି-ବିଜେପି ମେଣ୍ଟ ଭାଙ୍ଗିଗଲା। ବେଗୁନିଆରେ ପୂର୍ବରୁ ବିଜେଡ଼ି ସଂଗଠନ କରୁଥିଲେବି ଟିକେଟ ପାଇନଥିବା ଅଶୋକ ସାମନ୍ତରାୟ ବିଜେପିକୁ ଯାଇ ଟିକେଟ୍ ପାଇଥିଲେ । ହଜାର ହଜାର ବିଜେଡ଼ି ଓ ବିଜେପି କର୍ମୀଙ୍କୁ ନେଇ ସେ ଶୋଭାଯାତ୍ରାରେ ନାମାଙ୍କନ ପତ୍ର ଭରିବାକୁ ଯାଉଥିଲେ। କିନ୍ତୁ ଶୋଭାଯାତ୍ରା ଚାଲୁଥିବାବେଳେ ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ ମିଶ୍ରଙ୍କୁ ଟିକେଟ୍ ମିଳିଥିଲା। ସେତେବେଳେ ଚାରି ପାଞ୍ଚ ଜଣଙ୍କୁ ଧରି ବିନା ରାଲିରେ ସୁରୀ ମିଶ୍ର ନାମାଙ୍କନ ଭରିଥିଲେ। ଫଳ ଯାହାହେବା କଥା ସେଇଆ ହିଁ ହେଲା।

## ଟିକେଟ୍ ଖେଳ କରିଦେଲେ ଋଷଭ



ଯତୀନ ମହାନ୍ତିଙ୍କ ପାଇଁ ବେଗୁନିଆ-ବୋଲଗଡ଼ ବିଜେପି ପୂର୍ବାପେକ୍ଷା ମଜବୁତ୍ ହୋଇଥିଲା। ଏକଥା ସମସ୍ତେ ଜାଣନ୍ତି। ସମସ୍ତେ ଭାବୁଥିଲେ ୨୦୧୯ରେ ଯତୀନ୍ ପୁଣି ବିଜେପି ଟିକେଟରେ ଲଢ଼ି କଡ଼ା ଟକ୍କର ଦେବେ। ଏମିତିବି ଗଣେଶ-ପ୍ରଦୀପ ଲଢ଼େଇ ଭିତରେ ଯତୀନ ଜିତିଯିବେ ବୋଲି ଆକଳନ କରୁଥିଲେ। କିନ୍ତୁ ୨୦୧୯ରେ ଗଣେଶ ପଳାଇଲେ ଚିଲିକା। ପ୍ରଦୀପଙ୍କୁ ବିଜେଡ଼ି ଟିକେଟ ନଦେବାରୁ ସେ ପୁଣି କଂଗ୍ରେସକୁ ପଳାଇଲେ। ଅପରପକ୍ଷରେ ବିଜେଡ଼ିରୁ ଟିକେଟ୍ ପାଇଁ ଚାହୁଁଥିବା ଋଷଭ ନନ୍ଦଙ୍କୁ ବବି ଦାସ ଅପମାନିତ କରିଦେଲେ। ତେଣୁ ପ୍ରଶାନ୍ତ ନନ୍ଦ ସଂଘ ଜରିଆରେ ଗୋଟି ଚଳାଇ ଋଷଭ ନନ୍ଦଙ୍କ ପାଇଁ ଟିକେଟ ଆଣିପାରିଲେ। ଯାହାକି ବେଗୁନିଆ-ବୋଲଗଡ଼ର ବିଜେପି କାର୍ଯ୍ୟକର୍ତ୍ତାଙ୍କ ମନୋବଳ ଭାଙ୍ଗି ଦେଇଥିଲା।

## ଅପରାଜିତା ଆସିବା ପରେ ନୂଆ ମୋଡ଼



ଅପରାଜିତା ଷଡ଼ଙ୍ଗୀ ୨୦୧୯ରେ ସାଂସଦ ହେବା ପରେ ବେଗୁନିଆ-ବୋଲଗଡ଼ ରାଜନୀତି ନୂଆ ମୋଡ଼ ନେଇଥିଲା। ଧର୍ମେନ୍ଦ୍ରଙ୍କ ସହଯୋଗୀ ହୋଇଥିବାରୁ ସେ ଯତୀନ ମହାନ୍ତିଙ୍କୁ ବେଗୁନିଆ ରାଜନୀତିରୁ ଦୂରେଇ ରଖିଲେ। କିଛିଦିନ ସେ ଅନୁ ଚୌଧୁରୀଙ୍କୁ ଏଣ୍ଟ୍ରି ଦେଇଥିଲେବି ଅପରାଜିତାଙ୍କ କଡ଼ା କଥାରେ ଅତିଷ୍ଠ ହୋଇ ସେ ବେଗୁନିଆ ଛାଡ଼ିଦେଲେ। ତା'ପରେ ବେଗୁନିଆ-ବୋଲଗଡ଼ରେ ପାୱାର ଦେଖାଇଥିଲେ ପ୍ରକାଶ ବିଜୁଳି। ତାଙ୍କର ସାଂଗଠନିକ ଦକ୍ଷତା ସେତେ ଭଲ ନଥିଲେବି ଅପରାଜିତାଙ୍କ ଛାଇରେ ସେ ବଢ଼ିବାକୁ ଲାଗିଥିଲେ। ୨୦୧୯ରେ ବି ତାଙ୍କୁ ଟିକେଟ୍ ମିଳିଥିଲା। ହେଲେ ପ୍ରଦୀପ ସାହୁ ବିଜେଡ଼ିକୁ ଯିବାରୁ ଏକପାଖିଆ ବାଜିମାତ୍ କରିଥିଲେ।

## ପ୍ରକାଶ ଆଉଟ୍ ଗଣେଶ ଇନ୍



୨୦୨୪ରେ ପୁଣି ଅପରାଜିତା ସାଂସଦ ହୋଇଥିବାବେଳେ ଖୋର୍ଦ୍ଧାରୁ ଜିତିଲେ ପ୍ରଶାନ୍ତ ଜଗଦେବ (ଗଣେଶ)। ଗଣେଶଙ୍କର ବେଗୁନିଆରେ ସଂଗଠନ ଥିବାରୁ ସେ ହିଁ ବିଜେପିକୁ ମଜବୁତ କରିଦେବେ ବୋଲି ଅପରାଜିତାଙ୍କ ପାଖରେ ଧାରଣା ସୃଷ୍ଟିକଲେ। ଅପରାଜିତା ବି ବିଶ୍ୱାସ କରି ପ୍ରକାଶଙ୍କୁ ସାଇଡ୍ କରିଦେଲେ। ବେଗୁନିଆରେ ଗଣେଶଙ୍କ କଥା ରହିବାରୁ ପ୍ରକାଶ ମଧ୍ୟ ଅପରାଜିତା ଓ ଗଣେଶଙ୍କ ସହ ଲଢ଼େଇ ଆରମ୍ଭ କରିଦେଲେ। କିନ୍ତୁ ପ୍ରକାଶଙ୍କର ବ୍ୟକ୍ତିଗତ ସଂଗଠନ ନଥିବାରୁ ସେ ପାରିନଥିଲେ। ଶେଷରେ ଯତୀନ-ପ୍ରକାଶ ବି କିଛିଦିନ ଏକାଠି ହୋଇ ଚେକ୍ ଦେବାକୁ ଚେଷ୍ଟାକଲେ। ହେଲେ କାମଦାମକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଫାଟ ସୃଷ୍ଟିହୋଇଛି। ପ୍ରକାଶ ଏବେ ରାଜନୀତିରେ ତିଷ୍ଠି ରହିବା ପାଇଁ ଅପରାଜିତାଙ୍କ କ୍ୟାମ୍ପକୁ ଯିବାକୁ ସଜବାଜ ହେଉଛନ୍ତି।

# ୨୦୧୭ ବଢ଼ିଲା ବିଜେପି

୨୦୧୪ କଥା ତ ଆମେ ପ୍ରଥମରୁ କହିସାରିଛୁ। କିଭଳି ଭାବେ ଧର୍ମେନ୍ଦ୍ର ପ୍ରଧାନଙ୍କ ବନ୍ଧୁ ଯତୀନ୍ ମହାନ୍ତି ବେଗୁନିଆ-ବୋଲଗଡ଼ ରାଜନୀତିରେ ପ୍ରବେଶ କଲେ। ବିଜେପିରୁ ମାତ୍ର ୧୦ ହଜାରରୁ କିଛି ଅଧିକ ଭୋଟରେ ସେ ସନ୍ତୁଷ୍ଟ ରହିଥିଲେ। ସେହି ସମୟରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲେ। ଧର୍ମେନ୍ଦ୍ର ହେଲେ ପେଟ୍ରୋଲିୟମ୍ ମନ୍ତ୍ରୀ। ଧର୍ମେନ୍ଦ୍ର ସାରା ଓଡ଼ିଶାରେ ବିଜେପିକୁ ବଢ଼ାଇବା ପାଇଁ ଆକ୍ରମଣାତ୍ମକ ରଣନୀତି କଲେ। ବିଜେପି ଶିବିର ବି ଚଳଚଞ୍ଚଳ ହୋଇଗଲା। ସେପଟେ ଗଣେଶ ବେଗୁନିଆ ବୋଲଗଡ଼ରେ ଯେତିକି ପ୍ରଶଂସାର ପାତ୍ର ଥିଲେ ସେତିକି ନିନ୍ଦିତ ବି ହୋଇଥିଲେ। ଫଳରେ ୨୦୧୭ରେ ବେଗୁନିଆ-ବୋଲଗଡ଼ରେ ବିଜେପି ୩ ଜିଲ୍ଲା ପରିଷଦ ଆସନ ନେଇଯାଇଥିଲା। ଦଳର ଭୋଟ୍ ୨୦୧୪ରେ ୧୦ ହଜାର ଥିବାବେଳେ ୨୦୧୭ ବେଳକୁ ତାହା ୭୦ ହଜାର ଛୁଇଁ ଯାଇଥିଲା। ଅବଶ୍ୟ ଏହାର ଶ୍ରେୟ ପ୍ରଦୀପ ସାହୁଙ୍କୁ କିଛିମାତ୍ରାରେ ଦିଆଗଲେ ଭଲହେବ। କାହିଁକିନା ସେତେବେଳେ ସେ ସୌମ୍ୟଙ୍କ ଆମ ଓଡ଼ିଶା ପାର୍ଟିରେ ଥିବାରୁ ଉଭୟ ଗଣେଶ ଓ କଂଗ୍ରେସକୁ ପାନେ ଦେବା ପାଇଁ ତାଙ୍କ ଭୋଟ ସେ ବିଜେପିକୁ ମଡ଼ାଇ ଦେଇଥିଲେ।




ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ଏକାଠି ହେବେକି ଯତୀନ୍ ଓ ମାନସ

ଗାଏମୋଟ୍ କହିଲେ ଏବେ ଯତୀନ୍ ଏକା ହୋଇ ଯାଇଛନ୍ତି। ହେଲେ ରାଜ୍ୟସ୍ତରରେ ଜଣେ ଟାଣୁଆ ନେତା ଭାବେ ତାଙ୍କର ଧାକ୍ ରହିଛି। କାଲିକି କାଲି ଯଦି ଧର୍ମେନ୍ଦ୍ରଙ୍କ କ୍ୟାମ୍ପ ମଜବୁତ୍ ହୁଏ ତେବେ ଯତୀନଙ୍କ ଭାଉ କାହିଁ କେତେଗୁଣା ବଢ଼ିଯିବା ନିଶ୍ଚିତ। ସେହିପରି ଦଳ ସରକାରରେ ନଥିବାବେଳେ ଅପରାଜିତାଙ୍କ ହିସାବରେ ହିଁ ବିଧାନସଭା ଟିକେଟ୍ ଦିଆଯାଉଥିଲା। କିନ୍ତୁ ଦଳ ପାୱାରକୁ ଆସି ଯାଇଥିବାରୁ କେବଳ ଅପରାଜିତା ହିଁ ବିଧାନସଭା ଟିକେଟ୍ ବାଣ୍ଟିବେ ବୋଲି ଭାବିବା ବୋକାମୀ ହେବ। ଯତୀନଙ୍କ ପାଖରେ ମାଣିଆର ଅଭାବ ବୋଲି ସେ ସଂଗଠନକୁ ଚଳଚଞ୍ଚଳ କରିପାରୁନାହାନ୍ତି। କାହିଁକିନା ନେତାଙ୍କୁ ଚନ୍ଦାଇବାରେ ବେଗୁନିଆର ଗୋଟେ ଅପଖ୍ୟାତି ରହିଛି। ବିନା ଟଙ୍କାରେ ବେଗୁନିଆ ରାଜନୀତି ଆଦୌ ସମ୍ଭବପର ନୁହେଁ। ଯତୀନଙ୍କ ପ୍ରତି ବେଗୁନିଆ-ବୋଲଗଡ଼ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଭଲ ପାଇବା ରହିଛି। ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସେହିପରି ଏବେ ଗଣେଶ ବିଜେଡ଼ି ନେତାଙ୍କୁ ଆଣି ବିଜେପିକୁ ମଜବୁତ୍ କରିବାକୁ ଯେଉଁ ପ୍ରୟାସ କରୁଛନ୍ତି, ତାହାଦ୍ୱାରା ଗଣେଶ ବ୍ୟକ୍ତିଗତ ଭାବେ ଲାଭବାନ ହୋଇପାରନ୍ତି, କିନ୍ତୁ ଦଳ ଆଦୌ ଲାଭବାନ ହେବନାହିଁ। ସେମାନେ ବିଜେପି ବିଚାରଧାରା ପାଇଁ ଦଳକୁ ଆସୁନାହାନ୍ତି ବରଂ ଗଣେଶଙ୍କ ସହଯୋଗରେ ପଦ ପଦବୀ, କ୍ଷମତା, କାମଦାମ ଲୋଭରେ ଆସୁଛନ୍ତି ବୋଲି ଦେଖିବାକୁ ମିଳୁଛି। ଏସବୁ ଭିତରେ ଯୁବନେତା ମାନସ ବେହେରା ବି ସଂଗଠନ କରୁଛନ୍ତି। ନୂଆ ନେତା ହୋଇଥିବାରୁ ଏଯାଏଁ ସଂଗଠନ ଭିତରକୁ ଦ୍ରୁତ ଗତିରେ ପଶି ପାରିନାହାନ୍ତି। ସେପଟେ କାଳେ ମାନସ ସଂଗଠନ ଆଗକୁ ବଢ଼ାଇଦେବେ ତାହାକୁ ଅନୁଶୀଳନ କରି ପ୍ରଦୀପ ସାହୁ ଓ ପ୍ରଶାନ୍ତ ଜଗଦେବ ବି ତାଙ୍କୁ ଜଗିବା ଆରମ୍ଭ କରିଦେଲେଣି। ତଥାପିବି ପ୍ରତି ପଞ୍ଚାୟତରେ ତିରିଶ ଚାଳିଶ ଯୁବକ ତାଙ୍କ ସହ ଅଛନ୍ତି। ଯଦି ଯତୀନ-ମାନସ ଏକାଠି ହୁଅନ୍ତି ତେବେ ବେଗୁନିଆ ବିଜେପି ରାଜନୀତି ନୂଆମୋଡ଼ ନେବା ନିଶ୍ଚିତ।



# ସୂରଜ ଓ ସମ୍ପଦଙ୍କ ମନଦୁଃଖ




ରାଜ୍ୟରେ ଏବେ ଦୁଇ ଯୁବ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ସବୁଠୁ ଅଧିକ ଚର୍ଚ୍ଚିତ ଓ ଚଳଚଞ୍ଚଳ। ସୂରଜଙ୍କ ହାତରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ବିଭାଗ ଥିବାବେଳେ ସମ୍ପଦଙ୍କ ହାତରେ ରହିଛି ଶିଳ୍ପ ଓ ଦକ୍ଷତା ବିକାଶ। ଉଭୟଙ୍କ ବିଭାଗ ବି ଗତ ଅଠର ମାସ ମଧ୍ୟରେ ବେଶ୍ ସଫଳତା ହାସଲ କରିଛି। ତେବେ ଦୁଇ ମନ୍ତ୍ରୀଙ୍କ ଉପରେ କର୍ମୀ ମନଉଣା କରିଥିବାରୁ ଉଭୟଙ୍କ ମନ ଭାରିଦୁଃଖୀ। ସମ୍ପଦ ଆଗରୁ କ୍ଷମତାରେ ନଥିଲେ। ତେଣୁ ପ୍ରତିଦିନ ପାରାଦୀପର ଏପଟୁ ସେପଟ ସେ ଦି ଚାରି ଘେରା ମାରି ପାରୁଥିଲେ। କର୍ମୀଙ୍କ ସହ ଦୁଃଖସୁଖ ହୋଇପାରୁଥିଲେ। ଜନ୍ମଦିନ, ମଲା ମୃତ୍ତିକା, ଉତ୍ସବ ମହୋତ୍ସବ, ଖେଳ ସବୁଠି ହାଜିରା ପକାଇ ପାରୁଥିଲେ । କର୍ମୀଙ୍କ ସହ ଘଣ୍ଟା ଘଣ୍ଟା ଧରି ଖଟି ବି କରୁଥିଲେ। ଠିକ୍ ସେମିତି ସୂରଜ ଉପନିର୍ବାଚନରେ ଜିଣିବା ପରେ ଧାମନଗରରେ ଡେରା ପକାଇ ରହୁଥିଲେ। ନୂଆ ବିଧାୟକ ହୋଇଥିବାରୁ ପ୍ରତି ପଞ୍ଚାୟତ ବୁଲି କର୍ମୀଙ୍କ ସହ ସମ୍ପର୍କ ରଖୁଥିଲେ। ଦିନ ସାରା ସେ ଏରିଆରେ ହିଁ ରହୁଥିଲେ। ଜନ ସମସ୍ୟା ନେଇ ହରଦମ୍ ଲଢ଼େଇ ବି କରୁଥିଲେ। ଏବେ କିନ୍ତୁ ସବୁ ବଦଳି ଯାଇଛି। ଦୁଇ ନେତା ମନ୍ତ୍ରୀ ହୋଇଥିବାରୁ ସାରା ରାଜ୍ୟ ଯିବାକୁ ପଡୁଛି। ପ୍ରତି ଦି ଚାରିଦିନରେ ସମୀକ୍ଷା ବୈଠକ ବି କରିବାକୁ ପଡୁଛି। ଏକାଧିକ ବିଭାଗ ଥିବାରୁ ଚାପ ବି ରହିଛି । ତା'ରି ଭିତରେ ସମୟ ବାହାର କରି କର୍ମୀମାନଙ୍କୁ ଦେଉଛନ୍ତି । କିନ୍ତୁ ଯେଉଁ କର୍ମୀମାନେ ସୂରଜ କି ସମ୍ପଦଙ୍କ ସହ ଅଧଘଣ୍ଟାଏ କଥା ହୋଇପାରୁଥିଲେ ଏବେ ସେମାନେ ଦି ଚାରି ମିନିଟ୍ ସମୟ ପାଉଛନ୍ତି । ଆଉ ଆଗଭଳି ସେମାନେ ସବୁ କର୍ମୀଙ୍କ ଜନ୍ମଦିନ କି ବାହାଘରରେ ଉପସ୍ଥିତ ରହିପାରୁନାହାନ୍ତି। କିଛି କର୍ମୀ ଦୁଇ ମନ୍ତ୍ରୀ କୁଆଡ଼େ ଫୋନ୍ ଉଠାଉନଥିବାରୁ ରାଗି ଯାଇଛନ୍ତି । କର୍ମୀମାନେ କାହୁଁ ବୁଝିବେ ମନ୍ତ୍ରୀଙ୍କ ବେଦନା। ମନ୍ତ୍ରୀ ବିଭାଗୀୟ ସମୀକ୍ଷା କରିବେ ନା କର୍ମୀଙ୍କ ସହ ଫୋନ୍‌ରେ ଦୁଃଖସୁଖ ହେବେ। ସାଧାରଣ ବିଧାୟକ ଓ ମନ୍ତ୍ରୀଙ୍କ ଭିତରେ ଫରକ କ'ଣ ଅଛି, ତାହା ଏବେକାର ବିଜେପି କାର୍ଯ୍ୟକର୍ତ୍ତାମାନେ ବୁଝିପାରିବେନି। କାହିଁକିନା ୨୦୦୯ ପରଠାରୁ ଦଳ ସହ ଯୋଡ଼ି ହୋଇଥିବା କାର୍ଯ୍ୟକର୍ତ୍ତା କ୍ଷମତାର ଚାପ କ'ଣ ବୁଝିନାହାନ୍ତି। ପୁଣି କିଛି କାର୍ଯ୍ୟକର୍ତ୍ତା ଭଲ ଆଉ କିଛି କାର୍ଯ୍ୟକର୍ତ୍ତା ଦଲାଲ ବି ଅଛନ୍ତି। ମନ୍ତ୍ରୀଙ୍କ ସହ ଫଟୋ ଦେଖାଇ ଲୁଟିବାରେ ମାହିର କାର୍ଯ୍ୟକର୍ତ୍ତାଙ୍କର ବି ଅଭାବ ନାହିଁ । ସବୁ ଦେଖିଚାହିଁ ନକଲେ ଖାଲି ମନ୍ତ୍ରୀ କ'ଣ ସରକାର ଓ ଦଳ ବି ବଦନାମ୍ ହୋଇଯିବ। ହେଲେ କିଛି କାର୍ଯ୍ୟକର୍ତ୍ତା ଭିତରକୁ ନଯାଇ ସୋସିଆଲ ମିଡ଼ିଆରେ ଦୁଇ ମନ୍ତ୍ରୀ ବଦଳିଗଲେ ବଦଳିଗଲେ ବୋଲି ଚିତ୍କାର କରି ଟେନସନ ଦେଉଥିବା ଦେଖିବାକୁ ମିଳୁଛି । ହଉ, ଏବେ ତ ପଞ୍ଚାୟତ ନିର୍ବାଚନ ଆସିଗଲା। ଆଉ ଦି ଚାରିମାସ ପରେ ମନ୍ତ୍ରୀ କେବଳ ଏରିଆରେ ପଇଁତରା ହିଁ ମାରିବେ ।

# ତେଜେଶ୍ୱର ଏବେ ଭାରି ଖୁସି



ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ାଙ୍କର ଖୁସି କହିଲେ ନସରେ। ଗଲା ଥର ତାଙ୍କ ଭୋଟ୍ ୭୭ ହଜାର ଟପି ଯାଇଥିଲା। ଅରବିନ୍ଦ ମହାପାତ୍ରଙ୍କ ବ୍ୟତୀତ ଆଉ ଯିଏ ବିଜେଡ଼ିରୁ ଠିଆ ହୋଇଥା'ନ୍ତେ ତେଜେଶ୍ୱର ତାଙ୍କୁ ହରାଇ ଦେଇଥା'ନ୍ତେ। ଅରବିନ୍ଦଙ୍କୁ ହରାଇବା ପାଇଁ ବିଜେଡ଼ିର ଗୋଟିଏ ଗୋଷ୍ଠୀ ଖୁବ୍ ଦମରେ ଲାଗିଥିଲେବି ବିଜୟଙ୍କ ପକେଟ୍ ଭୋଟ ପୁଅଙ୍କୁ ଜିତାଇ ଦେଇଥିଲା। ଏବେ ଅରବିନ୍ଦଙ୍କୁ ବିଜେଡ଼ି ନିଲମ୍ବନ କରିଦେଇଛି। ପାଟକୁରା ବିଜେଡ଼ି କଳି ସାରା ରାଜ୍ୟ ଦେଖୁଛି। ତେଣୁ ଏବେଠାରୁ ୨୦୨୯ର ସ୍ୱପ୍ନ ଦେଖିବା ଆରମ୍ଭ କରିଦେଲେଣି ତେଜେଶ୍ୱର। ବିଜେଡ଼ି ଭୋଟ୍ ଫାଟିଲେ ତାଙ୍କ ପାଇଁ ନିଶ୍ଚିତ ଭାବେ ଏକ ବଡ଼ ସୁଯୋଗ ସୃଷ୍ଟିହେବ।

ତଥାପି ବି ଏ ଖୁସି ଭିତରେ ଟିକିଏ ମଞ୍ଜି ଦରଜ ରହିଯାଉଛି। କାହିଁକିନା ପାଟକୁରା ଟିକେଟ ଉପରେ ଆଖି ପକାଇଥିବା ଉମାକାନ୍ତ ପଟ୍ଟନାୟକ ଏବେ ବେଶ୍ ସକ୍ରିୟ ହୋଇଯାଇଛନ୍ତି। ସେ ଏବେ ରାଜ୍ୟ ବିଜେପିର ସାମାଜିକ ଗଣମାଧ୍ୟମ ମୁଖ୍ୟ ଅଛନ୍ତି। ମୁଖ୍ୟମନ୍ତ୍ରୀ ବି ମଞ୍ଚ ଉପରୁ ସୋସିଆଲ ମିଡ଼ିଆରେ ଦଳକୁ ଏକ ନମ୍ବର କରିବା ପାଇଁ କହି ଦେଇଛନ୍ତି। ମାନେ ତାଙ୍କର ଲିଙ୍କ୍ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ସହ। ନିଇତି ପାର୍ଟି ହେଡ୍ ଅଫିସରେ ମନମୋହନ ସାମଲଙ୍କ ସହ ବି କଥା ହେଉଛନ୍ତି। ପୂର୍ବରୁ ଯୁବମୋର୍ଚ୍ଚା ସଭାପତି ଥିବାବେଳେ ବହୁ ପୁରୁଣା କାର୍ଯ୍ୟକର୍ତ୍ତା। ତାଙ୍କ ପଛରେ ଯୁବମୋର୍ଚ୍ଚା ସଭାପତି ହୋଇଥିବା ଟଙ୍କଧର ତ୍ରିପାଠୀ ଆଉ ଇରାଶିଷ ଆଚାର୍ଯ୍ୟ ବିଧାୟକ ହୋଇସାରିଲେଣି। ମାନେ ତାଙ୍କ ପାଉଣାଟା ବାକି ଥିବାରୁ ୨୦୨୯ରେ ଟିକେଟ ସ୍ୱପ୍ନ ପୂରଣ ହେବବୋଲି ସେ ଭାବୁଛନ୍ତି।




ଖାଲି କ'ଣ ସେତିକି ଆଙ୍କା। ରାଜନୀତିରେ ତ ଘଡ଼ିକେ ଘୋଡ଼ା ଛୁଟେ। ବିଜୟ ମହାପାତ୍ର ବି ପୂର୍ବରୁ ବିଜେପିରେ ଥିଲେ। ପୁଅ ପାଇଁ ଯାହା ସେ ଦଳରୁ ବହିଷ୍କାର ହୋଇଥିଲେ। ଏବେ ଅରବିନ୍ଦ ବିଧାୟକ ଅଛନ୍ତି। ବିଜେଡ଼ି ତ ତାଙ୍କୁ ଆଉ ୨୦୨୯ରୁ ଟିକେଟ୍ ଦେବନି। ତାଙ୍କୁ ପୁଣି ବିଜେପି ନେଇ ଟିକେଟ୍ ଦେଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଦେଖାଯାଉ ପାଟକୁରା ରାଜନୀତି ୨୦୨୯ ବେଳକୁ କେଉଁ ମୋଡ଼ ନେଉଛି।

# ବିଜେଡ଼ି ଓ ବିଜେପିରେ ନେତୃତ୍ୱ ଦ୍ୱନ୍ଦ୍ୱ

**ଜଗତସିଂହପୁରରୁ ଅଶ୍ୱିନୀ ପଟ୍ଟନାୟକ**

ଏକଦା ଜଗତସିଂହପୁର ଥିଲା ବିଷ୍ଣୁ ଚରଣ ଦାସଙ୍କର ଗଡ଼ । ୧୯୯୦ରୁ ୨୦୦୯ । ଲଗାତର ପାଞ୍ଚ ଥର ଜିଣି ବିଷ୍ଣୁ ଦାସ ରେକର୍ଡ଼ ବି କରିଥିଲେ । କିନ୍ତୁ ୨୦୧୪ରୁ ଜଗତସିଂହପୁର ରାଜନୀତି ନୂଆ ମୋଡ଼ ନେଇଛି । ସେବେଠାରୁ କୌଣସି ନେତା କି କୌଣସି ଦଳ ଲଗାତର ଦୁଇଥର କ୍ଷମତାର ସ୍ୱାଦ ଚାଖି ପାରିନାହାନ୍ତି । ୨୦୧୪ରେ କଂଗ୍ରେସ ଟିକେଟ୍‌ରେ ଚିରଞ୍ଜୀବୀ ବିଶ୍ୱାଳ, ୨୦୧୯ରେ ବିଜେଡ଼ି ଟିକେଟରେ ପ୍ରଶାନ୍ତ ମୁଦୁଲି ଓ ୨୦୨୪ରେ ବିଜେପି ଟିକେଟରେ ଅମରେନ୍ଦ୍ର ଦାସ ବାଜିମାତ୍ କରିଛନ୍ତି ।

ଏବେ ତିନି ଦଳରେ ବିଚିତ୍ର ସ୍ଥିତି ସୃଷ୍ଟିହୋଇଛି । ବିଶେଷକରି ବିଜେଡ଼ି ଓ ବିଜେପିରେ ଗୋଷ୍ଠୀକନ୍ଦଳ, ଶୀତଳଯୁଦ୍ଧ ଆଦି ଦେଖିବାକୁ ମିଳୁଛି । ଅମରେନ୍ଦ୍ର ଦାସ ପୂର୍ବରୁ ବିଜେଡ଼ିରେ ଥିଲେ । କିନ୍ତୁ ଦଳ ଟିକେଟ୍ ନଦେବାରୁ ସେ ବିଜେପିରେ ଯୋଗ ଦେଇଥିଲେ । ପୂର୍ବରୁ ତାଙ୍କର ଭଲ ସଂଗଠନ ଥିବାରୁ ବିଜେପି ହାୱାରେ ସେ ପ୍ରଥମ ଥର ବିଧାୟକ ହେବାର ସୌଭାଗ୍ୟ ପାଇଛନ୍ତି । ତେବେ ମୂଳ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଅପେକ୍ଷା ସେ ନିଜର ପୁରୁଣା ନେତାଙ୍କ ଉପରେ ଅଧିକ ଭରସା କରୁଛନ୍ତି । ଯେଉଁଥିପାଇଁ ନୂଆ ପୁରୁଣା ବିଜେପି ମଧ୍ୟରେ ଶୀତଳଯୁଦ୍ଧ ଚାଲିଛି । ସେପଟେ ପୂର୍ବରୁ ଜିଲ୍ଲା ସଭାପତି ଓ ବିଧାୟକ ପ୍ରାର୍ଥୀ ଥିବା ସତ୍ୟବ୍ରତ ମହାପାତ୍ର ଓ ପୂର୍ବତନ ସାଂସଦ ବିଭୂ ପ୍ରସାଦ ତରାଇ ଏବଂ ଏବେର ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଏକାଠି ହୋଇ ସଂଗଠନ କରୁଥିବା ଦେଖିବାକୁ ମିଳୁଛି । ନିକଟରେ ଅମରେନ୍ଦ୍ର ଧଳତଙ୍ଗଗଡ଼ ଠାରେ ଏକ ବନ୍ଧୁମିଳନ କରିଥିଲେବି ବରିଷ୍ଠ ବିଜେପି ନେତାମାନଙ୍କୁ ସେଠାରେ ଦେଖିବାକୁ ମିଳିନଥିଲା । ଫଳରେ ପଞ୍ଚାୟତ ନିର୍ବାଚନରେ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଅନୁମାନ କରାଯାଉଛି ।







ଅପରପକ୍ଷରେ ପ୍ରଶାନ୍ତ ମୁଦୁଲିଙ୍କର ମୂଳ ସଂଗଠନ ରହିଛି ବାଲିକୁଦା-ଏରସମାରେ । ୨୦୧୯ରେ ସେ ଜଗତସିଂହପୁରର ବିଧାୟକ ଥିଲେବି ବାଲିକୁଦା-ଏରସମା ସଂଗଠନ ଉପରେ ଧ୍ୟାନ ଦେଉଥିଲେ । ଜଗତସିଂହପୁର ବିଜେଡ଼ି ସଂଗଠନ ଉପରେ ସେ ସେତିକି ଧ୍ୟାନ ଦେଇନଥିବାରୁ ୨୦୨୪ରେ ପରାଜୟ ବରଣ କରିଥିଲେ । ଏବେବି ତାଙ୍କର ନିଜର ମୂଳ ନିର୍ବାଚନମଣ୍ଡଳୀ ଲୋଭ ଛାଡ଼ିନାହାନ୍ତି । କିନ୍ତୁ ବାଲିକୁଦା ବିଧାୟକ ଶାରଦା ପ୍ରସନ୍ନ ଜେନାଙ୍କର ପତିଆରା ବଢ଼ି ଚାଲିଥିବାରୁ ପ୍ରଶାନ୍ତ ଏବେ ଜଗତସିଂହପୁର ଜଗିବାକୁ ବାଧ୍ୟ ହୋଇଛନ୍ତି । ସେପଟେ ଜଗତସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ମଧ୍ୟ ସକ୍ରିୟ ହେବା ଆରମ୍ଭ କରିଦେଲେଣି । ଗତ ନିର୍ବାଚନ ବେଳେ ସେ ବିଜେଡ଼ିରେ ସାମିଲ୍ ହୋଇଥିଲେବି ଦଳ ତାଙ୍କୁ ଟିକେଟ୍ ଦେଇନଥିଲା । ଦଳ ହାରି ଯାଇଥିବାରୁ ରାଜ୍ୟସଭା ଆଶା ବି ଆଉ ନାହିଁ । ମଝିରେ ସେ ପୁଣି କଂଗ୍ରେସକୁ ବାହୁଡ଼ିଯିବେ ବୋଲି ଚର୍ଚ୍ଚା ହେଉଥିଲେବି ସେହି ଚର୍ଚ୍ଚାରେ ଏବେ ବିରାମ ଲାଗିଛି । ୨୦୨୯ରେ ସେ କେଉଁ ଦଳରୁ ଲଢ଼ିବେ ତାହା ତ ସମୟ କହିବ, କିନ୍ତୁ ରାଜନୀତିକ ପତିଆରା ପାଇଁ ସେ ଜଗତସିଂହପୁରରେ ଏବେ ବେଶ୍ ସକ୍ରିୟ ରହିଛନ୍ତି । ୨୦୨୯ ବେଳକୁ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ଓ ସଂରକ୍ଷଣ ବଦଳିବାର ଥିବାରୁ ଜଗତସିଂହପୁର ରାଜନୀତିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA

# ଛତ୍ରପୁରରେ ରାମ-କୃଷ୍ଣ କଳି

ଆଜ୍ଞା ପୁରାଣରେ ଯିଏ ରାମ, ସିଏ କୃଷ୍ଣ । ହେଲେ ଛତ୍ରପୁରରେ ଏବେ ରାମ କୃଷ୍ଣଙ୍କ ଭିତରେ ଲଢ଼େଇ ଆରମ୍ଭ ହୋଇଯାଇଛି । ରାମଚନ୍ଦ୍ର ପଣ୍ଡା ହେଉଛନ୍ତି ପୁରୁଣା ବିଜେପି ନେତା । ୨୦୦୦ରେ ସେ ବିଜେପି ଟିକେଟରେ ବାଜିମାତ୍ କରିବା ସହ ଉପ ବାଚସ୍ପତି ହୋଇଥିଲେ । ପରେ ଅବଶ୍ୟ ବିଜେପିରେ ଗୁରୁତ୍ୱ ମିଳିଲାନି ବୋଲି ସେ ଶଙ୍ଖ ଫୁଙ୍କିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ଜାତି ଗଲା, ପେଟ ପୂରିଲାନି ନ୍ୟାୟରେ ବିଜେଡ଼ିକୁ ଯାଇ କିଛି ଲାଭ ହେଲାନାହିଁ । ଟିକେଟ୍ ଆଶା ବି ମଉଳିଗଲା । ତେଣୁ ଚବିଶ ନିର୍ବାଚନ ବେଳେ ସେ ପୁଣି ନିଜ ଘରକୁ, ମାନେ ବିଜେପିକୁ ବାହୁଡ଼ି ଆସିଥିଲେ । ଯାହାବି ହେଉ ଛତ୍ରପୁରରେ ରାମଚନ୍ଦ୍ରଙ୍କୁ ଟିକେଟ ମିଳିନଥିଲେବି ବିଜେପି ଟିକେଟରେ ବାଜିମାତ୍ କରିଥିଲେ କୃଷ୍ଣ ଚନ୍ଦ୍ର ନାୟକ । ସେବେଠାରୁ ରାମବାବୁ ଛତ୍ରପୁରରେ ଆଧିପତ୍ୟ ବିସ୍ତାର କରିବାକୁ ଯୋଜନା କରି ଆସୁଛନ୍ତି । ରାଜ୍ୟ ବିଜେପିର ତୁଙ୍ଗ ନେତାଙ୍କ ସହ ତାଙ୍କର ସୁସମ୍ପର୍କ ଥିବାରୁ ଏହି ମଉକାରେ ନିଜ ପରିବାରର ରାଜନୀତିକ ଭବିଷ୍ୟତ ପାଇଁ ସେ ଗୋଟିଚାଳନା କରୁଥିବା କୁହାଯାଉଛି । ଯେଉଁଥିପାଇଁ ସେ କୃଷ୍ଣଙ୍କୁ ଚେକ୍ ଦେବା ପାଇଁ ରଣନୀତି କରୁଛନ୍ତି । ଅପରପକ୍ଷରେ କୃଷ୍ଣ ବି ବିଧାୟକ ହେବା ପରେ ନିଜର ଆଧିପତ୍ୟ ବିସ୍ତାର କରିବା ଆରମ୍ଭ କରିଦେଇଛନ୍ତି । ତେବେ ରାମ-କୃଷ୍ଣଙ୍କର ପତିଆରା ଲଢ଼େଇ ଯୋଗୁଁ ପଞ୍ଚାୟତ ନିର୍ବାଚନରେ ବିଜେପି କ୍ଷତିଗ୍ରସ୍ତ ହେଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।

ଛତ୍ରପୁରରେ ୧୯୮୫ରୁ ସବୁବେଳେ ନୂଆ ନେତା ହିଁ ବିଧାୟକ ହେଉଥିବା ଦେଖିବାକୁ ମିଳିଛି । ମାନେ କେହିବି ରିପିଟ୍ ହେଉନାହାନ୍ତି । ୧୯୮୫ରେ ଅଶୋକ କୁମାର ଚୌଧୁରୀ, ୧୯୯୦ରେ ପର୍ଶୁରାମ ପଣ୍ଡା, ୧୯୯୫ରେ ଦୈତାରୀ ବେହେରା, ୨୦୦୦ରେ ରାମଚନ୍ଦ୍ର ପଣ୍ଡା, ୨୦୦୪ରେ ନାଗିରେଡ୍ଡୀ ନାରାୟଣ ରେଡ୍ଡୀ, ୨୦୦୯ରେ ଆଦିକନ୍ଦ ସେଠୀ, ୨୦୧୪ରେ ପ୍ରିୟାଂଶୁ ପ୍ରଧାନ, ୨୦୧୯ରେ ସୁବାସ ଚନ୍ଦ୍ର ବେହେରା ଓ ୨୦୨୪ରେ କୃଷ୍ଣଚନ୍ଦ୍ର ନାୟକ ବିଧାୟକ ହେବାର ସୌଭାଗ୍ୟ ପାଇଥିଲେ ।

ଗର୍ବିତ ଓଡ଼ିଆ

# ଜନ ମିରନ୍ ମୁଣ୍ଡା କିଏ ?

**ଏଇ ନିକଟରେ ସୌମ୍ୟ ରଞ୍ଜନ ପଟ୍ଟନାୟକ ସାମ୍ବାଦିକମାନଙ୍କୁ ପ୍ରଶ୍ନ ଫିଙ୍ଗିବା ଛଳରେ କ୍ଷୋଭ ପ୍ରକାଶ କରିଥିଲେ। ଘସିପୁରାରେ ତାଙ୍କୁ ହରାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ଝାରଖଣ୍ଡର ଜଣେ ବ୍ୟକ୍ତିଙ୍କୁ ଆଣି ଲୋକସଭା ପ୍ରାର୍ଥୀ କରାଗଲା। ଧରାଧରି କରି ତାଙ୍କୁ ଅଟୋ ଚିହ୍ନ ଦିଆଗଲା। ଘସିପୁରାର ସ୍ୱାଧୀନ ପ୍ରାର୍ଥୀ ସୌମ୍ୟଙ୍କର ଅଟୋ ଚିହ୍ନ ଥିବାରୁ ଭୋଟରମାନେ ଦ୍ୱନ୍ଦ୍ୱରେ ପଡ଼ିଗଲେ। ଘସିପୁରା ପାଇଁ ସମ୍ପୂର୍ଣ୍ଣ ଅପରିଚିତ ସେହି ପ୍ରାର୍ଥୀ ଜଣଙ୍କ ଘସିପୁରା ବିଧାନସଭା ଆସନରୁ ୨୮୩୧୨ ଖଣ୍ଡ ଭୋଟ୍ ପାଇଥିଲେ। ଯେଉଁଥିପାଇଁ ସୌମ୍ୟବାବୁ ୧୪ ହଜାର ଭୋଟ୍‌ରେ ହାରିଗଲେ। ସେହି ଭୋଟ୍ ସୌମ୍ୟଙ୍କ ଖାତାକୁ ଆସିଥିଲେ ସେ ଘସିପୁରାରେ ନିଶ୍ଚିନ୍ତ ଜିତିଥା'ନ୍ତେ। ଏଇ କଥା ଗଣମାଧ୍ୟମ ଉଠାଉନଥିବାରୁ ସୌମ୍ୟଙ୍କ ମନରେ ଟିକେ ଦକ ରହିଛି । ୨୦୨୪ ନିର୍ବାଚନ ପରେପରେ ଏହି ଖବର ଅବଶ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ସୌମ୍ୟ ଖଣ୍ଡପଡ଼ା ବନ୍ଧୁମିଳନରେ ଏକଥା କହିବା ପରେ ଆମେ ଟିକେ ଖୋଳତାଡ଼ କଲୁ। ସୌମ୍ୟଙ୍କୁ ହରାଇବା ପାଇଁ ପାଣ୍ଡିଆନ୍ ସତରେ ଷଡ଼ଯନ୍ତ୍ର କରିଥିଲେ ନା ଏହା କାକତାଳୀୟ ଥିଲା? ଆମେ କିଛି ତଥ୍ୟ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରିବୁ ।**

## ଯାହାଙ୍କ ପାଇଁ ହାରିଗଲେ ସୌମ୍ୟ
## ପାଣ୍ଡିଆନ୍ କରିଥିଲେ କି ଷଡ଼ଯନ୍ତ୍ର !





### ମେ' ୩, ୨୦୨୪

ସୌମ୍ୟ ଘସିପୁରାରୁ ଲଢ଼ିବେ ବୋଲି ଘୋଷଣା କରିଥିଲେ। ସେହିଦିନ ଘସିପୁରାରେ ସୌମ୍ୟ ଏକ ବିଶାଳ ସଭା ବି କରିଥିଲେ। ମେ' ୬ରେ ସୌମ୍ୟ ବାବୁ ଘସିପୁରା ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

**ଡବଲ୍ ଅଟୋରେ ସୌମ୍ୟ ବୋହିଥିଲେ ଘସିପୁରା ଦୁଃଖ**

୨୦୨୪ ମେ' ୩ରେ କେନ୍ଦୁଝର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଠାରୁ ୧୨ ହଜାର ୫ ଶହ ଟଙ୍କା ସିକ୍ୟୁରିଟି ଦାଖଲ କରି ପ୍ରାର୍ଥୀପତ୍ର କିଣିଥିଲେ ଜନ ମିରନ୍ ମୁଣ୍ଡା । ସେତେବେଳେ ଜନ ମିରନ୍ ନିଜ ସୋସିଆଲ ମିଡ଼ିଆରେ ଲେଖିଥିଲେଯେ, ପୂର୍ବଥର ସିଂହଭୂମରେ ଚକ୍ରାନ୍ତ କରି ତାଙ୍କର ପ୍ରାର୍ଥୀ ପତ୍ର ରଦ୍ଦ କରାଯାଇଥିଲା। ତେଣୁ ସେ ଓଡ଼ିଶାର କେନ୍ଦୁଝର ଲୋକସଭା କ୍ଷେତ୍ରରୁ ଲଢ଼ିବା ପାଇଁ ପ୍ରାର୍ଥୀପତ୍ର କିଣିଛନ୍ତି। ଆଦିବାସୀ କିସାନ ମଜଦୁରଙ୍କ ସ୍ୱର ଦିଲ୍ଲୀରେ ଉଠାଇବାକୁ ସେ ଚାହୁଁଛନ୍ତି। ସେ ବିଜେପି ଓ ମୋଦିଙ୍କର ଜଣେ କଟ୍ଟର ବିରୋଧୀ। ୨୦୨୪ ଅପ୍ରେଲ ୧୯ରେ ସେ ସିଂହଭୂମ ଲୋକସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେଠାରୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଜନ ମିରନ ଫୋନ୍ ପେ ଓ ରସିଦ୍ ବହି ଜରିଆରେ ଟଙ୍କା ବି ସଂଗ୍ରହ କରିଥିଲେ। ତେବେ ଅପ୍ରେଲ ୨୬ରେ ତାଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା। ସେତେବେଳେ ସେ ଆଦିବାସୀ କିସାନ ମଜଦୁର ପାର୍ଟିର ପ୍ରାର୍ଥୀ ଭାବେ ମାଧବ କୁଙ୍କଲଙ୍କ ନାମ ଘୋଷଣା କରିଥିଲେ। ଗତ ନିର୍ବାଚନରେ ସିଂହଭୂମ ଲୋକସଭାରୁ ମାଧବ ମଧ୍ୟ ପ୍ରାର୍ଥୀ ଥିଲେ।



ଏଥିରୁ ସ୍ପଷ୍ଟଯେ, ଜନ ମିରନ ମୁଣ୍ଡାଙ୍କ ପ୍ରାର୍ଥୀତ୍ୱ ନାକଚ ହେବା ପରେ ସେ ଲଢ଼ିବା ନିଶାରେ କେନ୍ଦୁଝରରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଜିତିବା ପାଇଁ ନୁହେଁ ବରଂ ଲଢ଼ିବା ନିଶା ପାଇଁ ବୋଲି କହିଲେ ଭୁଲ୍ ହେବ ନାହିଁ ।

### ଅଟୋ ଚିହ୍ନ

୨୦୨୨ରେ ପଞ୍ଚାୟତ ନିର୍ବାଚନ ଲଢ଼ିଥିଲେ ଜନ ମିରନ ମୁଣ୍ଡା। ସେତେବେଳେ ସେ ଝିଙ୍କିପାଣିରୁ ଜିଲ୍ଲା ପରିଷଦ ନିର୍ବାଚନ ଲଢ଼ିଥିଲେ। ତାଙ୍କର ନିର୍ବାଚନୀ ଚିହ୍ନ ଥିଲା ଅଟୋ ଚିହ୍ନ। ସ୍ୱାଧୀନ ଭାବେ ଲଢ଼ି ମଧ୍ୟ ସେ ନିର୍ବାଚନରେ ବାଜିମାତ୍ କରିଥିଲେ। ସେହି ଅଞ୍ଚଳର ଜଣେ ଶ୍ରମିକ ନେତା ଭାବେ ତାଙ୍କର ସୁନାମ ବି ରହିଛି । କେନ୍ଦୁଝରରୁ ଅନେକ ସ୍ୱାଧୀନ ପ୍ରାର୍ଥୀ ଥିଲେ। ଯେମିତିକି ଲମ୍ବୋଧର ନାଏକ,




ରଘୁମଣି ନାଏକ, ସୁଶାନ୍ତ କୁମାର ନାଏକ ପ୍ରମୁଖ ସ୍ୱାଧୀନ ଭାବେ ଲଢ଼ିଥିଲେ। ତେଣୁ ଯାହାର ବି ଅଟୋ ଚିହ୍ନ ପଡ଼ିଥିଲେ ଆଶ୍ଚର୍ଯ୍ୟ ହେବାର ନାହିଁ।

ହଁ, ଏକଥା ସତ୍ୟଯେ, କେନ୍ଦୁଝର ରାଜନୀତି ସହ ଜଡ଼ିତ ନଥିବା ଜଣେ ବ୍ୟକ୍ତି ଘସିପୁରାରୁ ୨୮ ହଜାର ଭୋଟ୍ ପାଇବା ସହଜ ନୁହେଁ । ସୌମ୍ୟଙ୍କ ଅଟୋ ଭୋଟ୍ ଜନ ମୁଣ୍ଡାଙ୍କ ଖାତାକୁ ଯାଇଥିଲା । ଯେଉଁଥିପାଇଁ ସୌମ୍ୟବାବୁ ପରାସ୍ତ ହୋଇଥିଲେ । ଯଦି ପାଣ୍ଡିଆନଙ୍କ ଏହି ଚକ୍ରାନ୍ତରେ ସୌମ୍ୟ ବଳିପଡ଼ିଲେ ତେବେ ବଦ୍ରି ପାତ୍ର ପାଣ୍ଡିଆନଙ୍କ ଯୋଗୁଁ ହିଁ ଜିତିଥିଲେ ବୋଲି କୁହାଯାଇପାରିବ । କିନ୍ତୁ ବଦ୍ରି ପାତ୍ର ଆଜିକାଲି ପାଣ୍ଡିଆନଙ୍କ ଚଉଦ ପୁରୁଷ ଉଝାଳିବାକୁ ବି ପଛାଉନାହାନ୍ତି ।

# ନବଜ୍ୟୋତି ଯିବେ ଭଣ୍ଡାରିପୋଖରୀ

## ଏମ୍‌ପି ନୁହଁ ଏମ୍‌ଏଲଏ

ନିରଞ୍ଜନ ପଟ୍ଟନାୟକ ଜଣେ ଟାଣୁଆ ନେତା। ବିଧାୟକ ହେବା ପାଇଁ ତାଙ୍କ ପାଖରେ ସବୁ ଉପାଦାନ ଅଛି। ସଂଗଠନ ସହ ଠନଠନ ବି ଅଛି। ହେଲେ ଭାଗ୍ୟଦେବୀ କିନ୍ତୁ ନିରଞ୍ଜନଙ୍କ ସହ ନାହାନ୍ତି। ତାହା ହୋଇନଥିଲେ ୨୦୧୯ରେ ସେ ୯ ହଜାର କି ୨୦୨୪ରେ ଦେଢ଼ ହଜାର ଭୋଟ୍‌ରେ ହାରିନଥା'ନ୍ତେ। ଗଲା ନିର୍ବାଚନରେ ତାଙ୍କ ପାଇଁ ଏକ ଭଲ ସୁଯୋଗ ବି ଥିଲା। ସେଇଟା ବି ହାତଛଡ଼ା ହୋଇଗଲା। ଏତେ ଚେଷ୍ଟା କରି ହାରିବା ପରେ ନିରଞ୍ଜନ ଆଉ ନିର୍ବାଚନ ନଲଢ଼ିବାକୁ ନିଷ୍ପତ୍ତି ନେଇ ସାରିଛନ୍ତି। ଏମିତି ବି ବୟସ ହୋଇଗଲାଣି। ଆଉ ନିର୍ବାଚନ ବେଳକୁ ବୟସ ୮୦ ଟପି ଯାଇଥିବ। ଆଜିକାଲି ଦେହପା' ବି ଖରାପ ରହୁଛି। ତେଣୁ ୨୦୨୯ ବେଳକୁ ନିରଞ୍ଜନଙ୍କ ଭଣ୍ଡାରୀପୋଖରୀରୁ ନିର୍ବାଚନ ଲଢ଼ିବେ ପୁଅ ନବଜ୍ୟୋତି ପଟ୍ଟନାୟକ। ବାପାଙ୍କ ଭଳି ସେ ବି ଦୁଇ ଦୁଇ ଥର ଲୋକସଭା ନିର୍ବାଚନ ଲଢ଼ି ହାରି ସାରିଲେଣି।





ବିଜେଡ଼ି ଓ ବିଜେପି ଭୋଟ୍ ବିଭାଜନରୁ ସେ ଫାଇଦା ନେବାକୁ ବାଲେଶ୍ୱରରୁ ପ୍ରାର୍ଥୀ ହେଉଥିଲେବି ସେଥିରେ ସଫଳ ହୋଇନାହାନ୍ତି। ଅବଶ୍ୟ ନବଜ୍ୟୋତି ଅନେକ ସମୟରେ ରାଜନୀତିରୁ ଦୂରେଇ ଯିବାକୁ ବି ଚିନ୍ତା କରୁଛନ୍ତି। ହେଲେ ଦଶ ବର୍ଷ ହେଲା ଭଣ୍ଡାରିପୋଖରୀରେ କୋଟି କୋଟି ଟଙ୍କା ଉଡ଼ିଯାଇଛି। ତେଣୁ ୨୯ରେ ସାଂସଦ ହେବା ନିଶା ଛାଡ଼ି ବିଧାୟକ ହେବାକୁ ସେ ଯୋଜନା କରିଛନ୍ତି।

ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ ଭଣ୍ଡାରିପୋଖରୀରେ ଖେଳ କରିବେ ବୋଲି ଚର୍ଚ୍ଚା ହେଉଛି। କାହିଁକିନା ସେଠି ଏବେ ବିଜେଡ଼ିରେ ବିଚିତ୍ର ସ୍ଥିତି। ପ୍ରଫୁଲ୍ଲ ସାମଲ ବିଜେଡ଼ିରେ ଥିଲେବି ତାଙ୍କ ପୁଅ ପ୍ରୟାସକାନ୍ତି ଏବେ ବିଜେପିରେ। ବିଧାୟକ ସଂଜୀବ ମଲ୍ଲିକଙ୍କୁ ପାନେ ଦେବା ପାଇଁ ପ୍ରଫୁଲ୍ଲ ନିଜ ନିଜ ବାଟରେ 'ପ୍ରୟାସ' କରୁଛନ୍ତି। ବିଜେଡ଼ି-ବିଜେପିର ଭୋଟ ବିଭାଜନରୁ ନିରଞ୍ଜନ-ନବଜ୍ୟୋତି ଫାଇଦା ନେବା ନିଶ୍ଚିତ ବୋଲି କୁହାଯାଉଛି। ପ୍ରୟାସ ବି ଭଣ୍ଡାରିପୋଖରୀରେ ବିଜେଡ଼ିରୁ ଅଧେ ଆଗଧାଡ଼ିର ନେତାଙ୍କୁ ନେଇ ପଦ୍ମପୋଖରୀରେ ବୁଡ ପକାଇ ସାରିଲେଣି। ଏହି ମଉକାକୁ ହାତଛଡ଼ା ନକରିବାକୁ ପଟ୍ଟନାୟକ ବାପ-ପୁଅ ଏବେ ହରଦମ୍ ଅଙ୍କ କଷିବାରେ ଲାଗି ପଡ଼ିଛନ୍ତି । କଥାରେ ଅଛି, ତିନି ଥରକେ ଧରମ ଛାଡ଼। ନବଜ୍ୟୋତି ଦୁଇ ଦୁଇ ଥର ନିର୍ବାଚନ ଲଢ଼ି ହାରିଥିବାବେଳେ, ଏବେ ତୃତୀୟ ପ୍ରୟାସ କରିବେ। ସେହିପରି ଭଣ୍ଡାରିପୋଖରୀରେ ନିରଞ୍ଜନ ଦୁଇ ଥର ହାରିସାରିଛନ୍ତି। ତେଣୁ ତୃତୀୟ ପ୍ରୟାସ ବାକି ରହିଛି। ଅବଶ୍ୟ ସୌମ୍ୟରଞ୍ଜନ ବାବୁ ବି ଖଣ୍ଡପଡ଼ାରେ ଦିଥର ହାରିବା ପରେ ତୃତୀୟ ଥର ବାଜିମାତ୍ କରିଥିଲେ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA


**କେନ୍ଦୁଝର ରାଜନୀତି**

# ରାଜାଙ୍କ ଯାଗାରେ ରାଜେଶ

ଏକଦା କେନ୍ଦୁଝରରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲେ ରାଜା ଚକ୍ର। ଏବେବି ସେ ଚର୍ଚ୍ଚାରେ ଅଛନ୍ତି । ଜିଲ୍ଲାର ରାଜନୀତି ହେଉକି ଖଣି ବେପାର ସବୁଠି ରାଜାଙ୍କର ବେଶ୍ ଦବଦବା ରହିଥିଲା। ବିଜେଡ଼ିର ମୁଣ୍ଡିଆଳଙ୍କ ଆଶୀର୍ବାଦରେ ରାଜା ନିଜ ଚକ୍ରରେ ଶତ୍ରୁଙ୍କୁ ଛେଦନ ବି କରିପାରୁଥିଲେ । ହେଲେ ସରକାର ବଦଳିବା ପରେ ରାଜାଙ୍କ ପୁରୁଣା ରଙ୍ଗ ଛାଡ଼ିଯାଇଛି । ମୋହନ ସରକାର ତାଙ୍କୁ ନେଇ ଜେଲରେ ଭର୍ତ୍ତି କରି ଦେଇଛନ୍ତି। ରାଜା ଜେଲକୁ ଯିବା ପରେ ସେ ଯେଉଁ କାମଟି କରୁଥିଲେ ତାହା ଫାଙ୍କା ପଡ଼ିଥିଲା। ଆପଣମାନେ ଜାଣନ୍ତି, ସଂସାରରେ ଫାଙ୍କା ବୋଲି କିଛି ନାହିଁ । ଯେଉଁଠି ଆଜି ଫାଙ୍କା ଦେଖିବେ, କାଲି ପରଦିନ ବେଳକୁ ସେଇଟି ବି ପୂରଣ ହୋଇ ଯାଇଥିବ। କେନ୍ଦୁଝରରେ ବି ସେଇଆ ହୋଇଛି। ରାଜାଙ୍କ ଯାଗା ରାଜେଶ ନେଇ ଯାଇଛନ୍ତି ବୋଲି ହୁରି ପଡୁଛି । ସେ କୁଆଡ଼େ ରାଜାଙ୍କ ଭଳି ଖଣି ବେପାରରେ ମାତି ଯାଇଛନ୍ତି। କୋଟି କୋଟି ଟଙ୍କା ରୋଜଗାର ବି କରୁଛନ୍ତି। ରାଜା ଯେମିତି ଟଙ୍କାରୁ ବଡ଼ବଡ଼ିଆ ନେତାଙ୍କୁ ଭାଗ ଦେଉଥିଲେ ରାଜେଶ ବି ସେମିତି ଭାଗ ଦେଉଛନ୍ତି । ତେବେ ରାଜାଙ୍କ ପାଇଁ ଯେମିତି ବିଜେଡ଼ି ବଦନାମ୍ ହୋଇଥିଲେ ଏଇ ରାଜେଶଙ୍କ ପାଇଁ ବିଜେପି ବଦନାମ୍ ହେବନି ତ ?



ଗର୍ବିତ ଓଡ଼ିଆ



# ଲାଭରେ ଅରବିନ୍ଦ ଘାଟାରେ ନବୀନ

ଇନ୍ଦ୍ରଦେବ ହନୁମାନଙ୍କ ଉପରକୁ ବଜ୍ରମାଡ଼ କଲେ । ଭାବିଥିଲେ ଅମାନିଆ ହନୁମାନ ସାଇଜ୍ ହୋଇଯିବେ । ହେଲେ ଶେଷରେ ସ୍ଥିତି ଏମିତି ହେଲାଯେ, ସବୁ ଦେବତା ହନୁମାନଙ୍କୁ ନିଜ ନିଜର ଶକ୍ତି ଦେଇ ଆହୁରି ଶକ୍ତିଶାଳୀ କରିଦେଲେ । ଯଦି ସେଦିନ ହନୁମାନଙ୍କୁ ବଜ୍ରମାଡ଼ ହୋଇନଥା'ନ୍ତା ସେ ଏତେ ଶକ୍ତିଶାଳୀ ହୋଇପାରିନଥା'ନ୍ତେ ।

ଏବେ ଓଡ଼ିଶା ରାଜନୀତିରେ ସେମିତି ଏକ ସ୍ଥିତି ସୃଷ୍ଟି ହୋଇଛି । ବାପା ପବନଙ୍କ ବଳରେ ବଳୀୟାର ହନୁମାନ ଯେମିତି ସୂର୍ଯ୍ୟଙ୍କୁ ଗିଳିବାକୁ ବାହାରିଥିଲେ ଠିକ୍ ସେମିତି ବିଜୟ ବାବୁଙ୍କ ବଳରେ ବଳିଆନ୍ ଅରବିନ୍ଦ କୁଆଡ଼େ ଶଙ୍ଖଙ୍କୁ ଗିଳିଦେବେ ବୋଲି ନବୀନ ବାବୁ ଭାବିନେଲେ । ସେଥିପାଇଁ ନିଲମ୍ବନ ରୂପକ ବଜ୍ରମାଡ଼ କଲେ । ବିଶ୍ୱାସଘାତକ ଓ ଦୁର୍ନୀତିଗ୍ରସ୍ତ ବୋଲି ଶଙ୍ଖ ଭବନରୁ ଚିତ୍କାର ବି ଶୁଭିଲା ।

ଚିରାଚରିତ ରାଜନୀତିକ ଶତ୍ରୁ ବିଜୟ ମହାପାତ୍ରଙ୍କ ଘର ଉପରକୁ ନବୀନ ବାବୁ ବଜ୍ର ଛାଡ଼ି ଭାବିଥିଲେ ବଜ୍ରବାଣରେ ମହାପାତ୍ର ବାପା-ପୁଅଙ୍କ ରାଜନୀତି ଗୁଣ୍ଡ ହୋଇଯିବ । ଆଉ ଦଳରେ ଯେଉଁମାନେ ଟିକେ ଅସନ୍ତୋଷର ନିଆଁରେ କାଗଜ, ପେଟ୍ରୋଲ, କାଠିକୁଟା ପକାଉଛନ୍ତି ସେମାନେ ବି ସାଇଜ୍ ହୋଇଯିବେ । ଫଳ କିନ୍ତୁ ଓଲଟା ହେଲା । ବଜ୍ର ମାଡ଼ ହେବା ପରେ ହନୁମାନ ଯେମିତି ଶକ୍ତିଶାଳୀ ହୋଇଯାଇଥିଲେ ଠିକ୍ ସେମିତି ଏଇ ନିଲମ୍ବନ ପରେ ଅରବିନ୍ଦ ଆହୁରି ଶକ୍ତିଶାଳୀ ହୋଇଯାଇଛନ୍ତି । ତାଙ୍କ ପାଇଁ ସମବେଦନା ବଢ଼ି ବଢ଼ି ଚାଲିଛି । ସାରା ଓଡ଼ିଶାରେ ଏବେ ଅରବିନ୍ଦଙ୍କୁ ନେଇ ଚର୍ଚ୍ଚା ଜୋରଧରିଛି । ହନୁମାନଙ୍କୁ ବଜ୍ରମାଡ଼ ନେଇ ଯେମିତି ସବୁ ଦେବତା ଇନ୍ଦ୍ରଦେବଙ୍କ ଉପରେ ବିଗିଡ଼ି ଯାଇଥିଲେ ଠିକ୍ ସେମିତି ଏବେ ନବୀନଙ୍କ ଉପରେ ବିଜେଡ଼ିର ବରିଷ୍ଠ ନେତା ଓ ସାଧାରଣ କର୍ମୀ ବି ଫିଙ୍ଗିକି ଯାଇଛନ୍ତି । ଅବଶ୍ୟ ଗାଲୁଆ ଶଙ୍ଖୁଆ ଏକଥା ବୁଝିବାକୁ ନାରାଜ । ମିଡ଼ିଆ ଆଗରେ ସିନା ମୁହଁ ଭୁରୁଡ଼ି ମାରୁଛନ୍ତି ହେଲେ ଅସଲ ଦରଜରେ ନିଇତି ଆୟୋଡେକ୍ସ, ମୁଭ୍ ଘସି ଚାଲିଛନ୍ତି । ଡ୍ୟାମେଜ୍ କଣ୍ଟ୍ରୋଲ କରିବାକୁ ଯେତେ ଫନ୍ଦିଫିକର କଲେବି ସଫଳ ହେଉନାହାନ୍ତି ।

ଖାଲି ସେତିକିନୁହେଁ ଅତୀତରେ ନବୀନ ବାବୁ ଅନେକ ନେତାଙ୍କୁ ନିଲମ୍ବନ କରିଥିଲେ । କିନ୍ତୁ ସେମିତି କିଛି ପ୍ରତିକ୍ରିୟା ନଥିଲା । ନିଲମ୍ବିତ ନେତା ମିଡ଼ିଆରେ ଦି ପଦ କହି ନୀରବରେ ବସି ରହୁଥିଲେ । ହେଲେ ପାଟକୁରାରୁ ଶହ ଶହ ବିଜେଡ଼ି ନେତା ଓ ଅରବିନ୍ଦଙ୍କ ସମର୍ଥକ ନବୀନ ନିବାସ ଆଡ଼କୁ ମାଡ଼ିଯାଇ ଏହାର ଜବାବ ମାଗିବା ଘଟଣା ନିଶ୍ଚିତ ଭାବେ ନିଆରା କଥା । ସ୍ଥିତି ଏମିତି ହୋଇଥିଲାଯେ, ସେମାନଙ୍କ ପୁନର୍ବିଚାର ଦାବି ସମ୍ପର୍କରେ ନବୀନଙ୍କୁ ଆମେ ଜଣାଇବୁ ବୋଲି ବିଜେଡ଼ିର ମାମଲତକାରମାନେ ପ୍ରତିଶ୍ରୁତି ଦେବାକୁ ବାଧ ହୋଇଥିଲେ । ଅରବିନ୍ଦଙ୍କ ନିଲମ୍ବନର ମିଛ ଗପକୁ ବି ସାଧାରଣରେ କେହି ବିଶ୍ୱାସ କରୁନାହାନ୍ତି । ବରଂ ତିରୋଟ ସମୟରେ ନବୀନଙ୍କ ଏହି ନିଷ୍ପତ୍ତିକୁ ଅନେକ ବଡ଼ ନେତାବି ସହଜରେ ଗ୍ରହଣ କରିପାରୁନାହାନ୍ତି । ବଡ଼ ନେତାମାନେ ବି ନୀରବ ରହିବାକୁ ଉଚିତ୍ ମଣୁଛନ୍ତି । ଅପରପକ୍ଷରେ ସାରା ରାଜ୍ୟରେ ଏବେ ଅରବିନ୍ଦଙ୍କୁ ନେଇ ଚର୍ଚ୍ଚା ହେଉଥିବାବେଳେ ମିଡ଼ିଆରେ ତାଙ୍କର ବାକ୍ୟ ବାଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଭବିଷ୍ୟତରେ ସେ ବି ବାପାଙ୍କ ଭଳି ଜଣେ ଭଲ ନେତା ହୋଇପାରିବେ ବୋଲି ଧାରଣା ସୃଷ୍ଟିହୋଇଛି ।

ନବୀନଙ୍କ ଏହି ନିଲମ୍ବନ ଦ୍ୱାରା ଅରବିନ୍ଦଙ୍କର ରାଜନୀତିକ କ୍ଷତି ହୋଇନାହିଁ । ୨୦୨୯ ପର୍ଯ୍ୟନ୍ତ ସେ ବିଧାୟକ ରହିବା ନିଶ୍ଚିତ । ଏମିତିବି ପାଟକୁରାରେ ସେ କେବଳ ନବୀନ ଓ ଶଙ୍ଖ ଭୋଟରେ ଜିତିନାହାନ୍ତି । ତାଙ୍କର ବି ପାରମ୍ପରିକ ଭୋଟ୍ ରହିଛି । ତେବେ ଅରବିନ୍ଦଙ୍କୁ ସିନା ନବୀନ ବାବୁଙ୍କ ଚଡ଼କ ମାରିଲା, ହେଲେ ଏହାଦ୍ୱାରା ଅତନୁ ସବ୍ୟସାଚୀ ନାୟକ ହିଁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି । ସମସ୍ତଙ୍କ ଆଖିରେ ଅତନୁ ଏବେ ଭିଲିୟାନ୍ ପାଲଟି ଯାଇଛନ୍ତି ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA
'ଗର୍ବିତ ଓଡ଼ିଆ'ର ରିପୋର୍ଟର
ହେବାକୁ ଚାହୁଁଥିଲେ ମୋବାଇଲ୍ ନମ୍ବର
୯୦୪୦୯୮୮୯୦୮ରେ
ଆପଣଙ୍କ ଅଞ୍ଚଳର ରାଜନୈତିକ ସ୍ଥିତି
ସଂକ୍ରାନ୍ତୀୟ ରିପୋର୍ଟ ପଠାନ୍ତୁ ।
ହଁ, ସିଭି ପଠାଇବାକୁ ଭୁଲିବେ ନାହିଁ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor
BALARAM RANASINGH